ବର୍ଷ-୨୬, ସଂଖ୍ୟା-୧୪୪
ଭୁବନେଶ୍ୱର
୨୮, ମଇ, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 144
Bhubaneswar
28 May, 2026 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ବିଧ୍ୱଂସୀ
ସୂର୍ଯ୍ୟବଂଶୀ

# ସାର୍ଥକ ପିଡିଏସ୍‌କୁ କ୍ୟାବିନେଟ୍ ମଞ୍ଜୁରୀ

**୫ ବର୍ଷରେ ପାଇଁ ଖର୍ଚ୍ଚ ହେବ ୨୫,୫୩୦ କୋଟି ଖର୍ଚ୍ଚ ହେବ**

ନୂଆଦିଲ୍ଲୀ ୨୭।୫(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) 'ରାସନ ପରିବହନ ଏବଂ ପରିଚାଳନା ପାଇଁ ସହାୟତା-ସାଧାରଣ ବଣ୍ଟନରେ ସ୍ୱୟଂକ୍ରିୟ ଆୟ' (ସାର୍ଥକ-ପିଡିଏସ୍) ଯୋଜନାକୁ ଏକ ବ୍ୟାପକ ଯୋଜନା ଭାବେ ଜାରି ରଖିବା ଲାଗି ମଞ୍ଜୁରି ପ୍ରଦାନ କରିଛନ୍ତି। ଷୋଡଶ ଅର୍ଥ ଆୟୋଗଙ୍କ ଆବଣ୍ଟନ ଅବଧିରେ କେନ୍ଦ୍ର ସରକାରଙ୍କ ତରଫରୁ ୨୫,୫୩୦ କୋଟି ଟଙ୍କା ପ୍ରଦାନ କରାଯାଇଛି।ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକ ଦ୍ୱାରା ଆନ୍ତଃରାଜ୍ୟ ପରିବହନ ଓ ଖାଦ୍ୟ ଶସ୍ୟ ପରିଚାଳନା ଏବଂ ଏଫପିଏସ ଡିଲରମାନଙ୍କ ମାର୍ଜିନ୍ ଉପରେ ହେଉଥିବା ଖର୍ଚ୍ଚକୁ ପୂରଣ କରିବା ତଥା କେନ୍ଦ୍ରୀୟ ସହାୟତାର ବର୍ତ୍ତମାନର ପାଣ୍ଠି ଢାଞ୍ଚାକୁ ଜାରି ରଖିବା ଲାଗି ସିସିଇଏ ମଧ୍ୟ କେନ୍ଦ୍ରୀୟ ସହାୟତାର ମାନଦଣ୍ଡକୁ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛି।

ଏହି ଯୋଜନାର ପରିକଳ୍ପନା ଏକ ବ୍ୟାପକ ଯୋଜନା ରୂପରେ କରାଯାଇଛି ଯାହା ନିମ୍ନ ଲିଖିତ ଦୁଇଟି ବର୍ତ୍ତମାନର ଯୋଜନାକୁ ଏକୀକୃତ କରିଥାଏ। ଏହି ଯୋଜନା ଦୁଇଟି ହେଲା - (୧) ଏନଏଫଏସଏ ଅଧୀନରେ ରାଜ୍ୟ ଏଜେନ୍ସିଗୁଡ଼ିକୁ ଖାଦ୍ୟଶସ୍ୟର ଆନ୍ତଃରାଜ୍ୟ ପରିବହନ ଏବଂ ଏଫପିଏସ ଡିଲରମାନଙ୍କୁ ମାର୍ଜିନ ପାଇଁ ସହାୟତା ଏବଂ (୨) ସାଧାରଣ ବଣ୍ଟନ ବ୍ୟବସ୍ଥାରେ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଆଧୁନିକୀକରଣ ଏବଂ ସଂସ୍କାର ପାଇଁ ଯୋଜନା (ସ୍ମାର୍ଟ ପିଡିଏସ)। ଏହାଦ୍ୱାରା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ୨୦୧୩ (ଏନଏଫଏସଏ) ର କାର୍ଯ୍ୟକାରିତାକୁ ବ୍ୟାପକ ଭାବରେ ସୁଦୃଢ଼ କରାଯାଇପାରିବ।

ସାର୍ଥକ-ପିଡିଏସ୍ ଯୋଜନାର ଲକ୍ଷ୍ୟ ହେଉଛି (କ) ଆନ୍ତଃରାଜ୍ୟ ଗତିବିଧି, ପରିଚାଳନା ଏବଂ ଏଫପିଏସ୍ ଡିଲର ମାର୍ଜିନ୍ ପାଇଁ ନିଶ୍ଚିତ ଆର୍ଥିକ ସହାୟତା ପ୍ରଦାନ କରିବା, ଏବଂ (ଖ) ଏକ ସମନ୍ୱିତ, ନାଗରିକ-କୈନ୍ଦ୍ରିକ, ବୁଦ୍ଧିମତ୍ତାପୂର୍ଣ୍ଣ ଏବଂ ଆନ୍ତଃପରିଚାଳିତ ପିଡିଏସ୍ ଢାଞ୍ଚା ପ୍ରଦାନ କରିବା। ଏହା ଶେଷ ମାଇଲ୍ ବିତରଣକୁ ସୁନିଶ୍ଚିତ କରିବ, ବାଟମାରଣା ହ୍ରାସ କରିବ ଏବଂ ଏନଏଫଏସଏ ଅଧୀନରେ ଖାଦ୍ୟ ସୁରକ୍ଷା ପ୍ରତି ଦେଶର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ। ଏହି ସମନ୍ୱିତ ଯୋଜନା ୩୧ ମାର୍ଚ୍ଚ ୨୦୩୧ ପର୍ଯ୍ୟନ୍ତ ଜାରି ରହିବ।

ସାର୍ଥକ-ପିଡିଏସ୍ ଯୋଜନାର ଲକ୍ଷ୍ୟ ହେଉଛି କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ମେସିନ୍ ଲର୍ଣ୍ଣିଂ (ଏମଏଲ), ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ (ଏନଏଲପି), ଏବଂ ବ୍ଲକଚେନ୍ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ପିଡିଏସ କାର୍ଯ୍ୟଗୁଡ଼ିକୁ ଆଧୁନିକୀକରଣ, ସମନ୍ୱିତ ଏବଂ ବୁଦ୍ଧିମତ୍ତାପୂର୍ବକ ଅନୁକୂଳ କରିବା। ଏଥିରେ ତତ୍କ୍ଷଣାତ୍ ନିରୀକ୍ଷଣ ପାଇଁ ମାନକୀକୃତ ଢାଞ୍ଚା ଏବଂ ସମନ୍ୱିତ ଡାଟାବେସ୍, ଏକ ଏଆଇ-ଚାଳିତ ଅଭିଯୋଗ ଓ ବିଶ୍ଳେଷଣ ପ୍ରଣାଳୀ, ତଥ୍ୟ-ଚାଳିତ ତଦାରଖ ନିମନ୍ତେ ରାଜ୍ୟ କମାଣ୍ଡ ନିୟନ୍ତ୍ରଣ କେନ୍ଦ୍ର ତଥା ପିଡିଏସ କାର୍ଯ୍ୟରେ ସ୍ୱଚ୍ଛତା, ସୁରକ୍ଷା ଓ ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ ଆଇଏସଓ-ପ୍ରମାଣିତ ପ୍ରକ୍ରିୟାକରଣ ଭିତ୍ତିଭୂମି ଅନ୍ତର୍ଭୁକ୍ତ।

ଭାରତ ସରକାରଙ୍କର ନାଗରିକମାନଙ୍କ ପ୍ରତି ଏକ ସାମାଜିକ ଏବଂ ଆଇନଗତ ପ୍ରତିବଦ୍ଧତା ରହିଛି। ନାଗରିକମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଗୁଣାତ୍ମକ ଖାଦ୍ୟଶସ୍ୟ ଉପଲବ୍ଧ କରାଇ ସେମାନଙ୍କୁ ସମ୍ମାନର ସହିତ ଜୀବନଯାପନ ସୁନିଶ୍ଚିତ କରିବା ଲାଗି ସରକାର ନିରନ୍ତର ପଦକ୍ଷେପ ନେଉଛନ୍ତି। ଏହି ଯୋଜନା ଜାତୀୟ ଖାଦ୍ୟ ସୁରକ୍ଷା ସହାୟତା ଅଧୀନରେ ଆସୁଥିବା ୮୧ କୋଟି ୩୫ ଲକ୍ଷ ଲୋକଙ୍କ ପ୍ରତି ଭାରତ ସରକାରଙ୍କ ପ୍ରତିବଦ୍ଧତା ପୂରଣ କରିବା ଦିଗରେ କାର୍ଯ୍ୟ କରିବ। ବୈଧାନିକ ଏବଂ ନୀତିଗତ ଢାଞ୍ଚା ଉପରେ ଆଧାରିତ, ସାର୍ଥକ-ପିଡିଏସ ଯୋଜନା ଆର୍ଥିକ ସହାୟତା ଉପାଦାନକୁ ବଜାୟ ରଖେ, ଏହାକୁ ସୁବ୍ୟବସ୍ଥିତ କରେ ଏବଂ ଏକ ଆଧୁନିକ, ପ୍ରଯୁକ୍ତିବିଦ୍ୟା-ଆଧାରିତ ପିଡିଏସ ବ୍ୟବସ୍ଥା ରୂପେ ଏହାକୁ ସୁନିୟୋଜିତ କରିଥାଏ। ଗତ ଦଶନ୍ଧି ମଧ୍ୟରେ ସରକାର ଅନେକ ଡିଜିଟାଇଜେସନ୍ ପଦକ୍ଷେପ କାର୍ଯ୍ୟକାରୀ କରିଛନ୍ତି।

ଟିପିଡିଏସର ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକରଣ ସହିତ ପିଡିଏସର ସମନ୍ୱିତ ପରିଚାଳନା କରାଯାଉଛି। ଏହାସହିତ ସ୍ମାର୍ଟ ପିଡିଏସ ସହିତ ମେରା ରାସନ, ଅନ୍ନ ମିତ୍ର, ରାଇଟଫୁଲ୍ ଟାର୍ଗେଟିଂ ଡ୍ୟାସବୋର୍ଡ ଏବଂ ଅନ୍ନ ସହାୟତା ଭଳି ନାଗରିକ-କୈନ୍ଦ୍ରିକ ପଦକ୍ଷେପ ନିଆଯାଇଛି।

## ମୁଖ୍ୟମନ୍ତ୍ରୀ ଏବଂ ବେଦାନ୍ତ ଅଧ୍ୟକ୍ଷଙ୍କ ମଧ୍ୟରେ ବେଦାନ୍ତର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା

ଭୁବନେଶ୍ୱର, ୨୭।୫(ମହାଭାରତ) ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରେ ବେଦାନ୍ତର ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର ନୂତନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଅନିଲ ଅଗ୍ରୱାଲଙ୍କ ସହିତ ଆଲୋଚନା କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ଯେପରି ଠିକ୍ ସମୟରେ କାର୍ଯ୍ୟକାରି ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ କରି ବେଦାନ୍ତ ରାଜ୍ୟରେ ଏକ ବୃହତ୍ ପୁଞ୍ଜିନିବେଶକାରୀ ଭାବେ ପରିଗଣିତ ହେଉଛି।

ରାୟଗଡ଼ା ଜିଲ୍ଲାରେ ୬୦ ଲକ୍ଷ ଟନ୍ ବିଶିଷ୍ଟ ଆଲୁମିନା ରିଫାଇନେରୀ, ଢେଙ୍କାନାଳ ଜିଲ୍ଲାରେ ୩୦ ଲକ୍ଷ ଟନ୍ ବିଶିଷ୍ଟ ଆଲୁମିନିୟମ୍ ସ୍ମେଲ୍ଟର ଏବଂ ୬୦୦୦ ମେଗାୱାଟ୍ ବିଶିଷ୍ଟ ବିଦ୍ୟୁତ୍ ପ୍ରକଳ୍ପ, ଡାଉନଷ୍ଟ୍ରିମ୍ ଆଲୁମିନିୟମ୍ ପାର୍କ, କୋଇଲା ଏବଂ ବକ୍ସାଇଟ୍ ସମନ୍ୱିତ ଶିଳ୍ପ ଇତ୍ୟାଦି ବେଦାନ୍ତ ପକ୍ଷରୁ ଓଡିଶାରେ ସ୍ଥାପନ କରାଯିବାର ପ୍ରସ୍ତାବ ରହିଛି ।

ଏହି ସମସ୍ତ ପ୍ରକଳ୍ପ ମିଳିତ ଭାବେ ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବ। ଏରୋସ୍ପେସ୍, ଇଲେକ୍ଟ୍ରିକ୍ ଭେହିକିଲ୍ ଏବଂ ପ୍ରତିରକ୍ଷା ଭଳି କ୍ଷେତ୍ର ପାଇଁ ଅତ୍ୟାଧୁନିକ ଆଲୁମିନିୟମ୍ ଉତ୍ପାଦ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ବେଦାନ୍ତ ଏହାର ସ୍ମେଲ୍ଟର ନିକଟରେ ଡାଉନଷ୍ଟ୍ରିମ୍ ଆଲୁମିନିୟମ୍ ପାର୍କ ସ୍ଥାପନ କରିବ। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଓଡ଼ିଶା ବିଶ୍ୱର ସବୁଠାରୁ ବଡ଼ ଆଲୁମିନିୟମ୍ ଉତ୍ପାଦନ ହବ୍ ଭାବରେ ପରିଚୟ ସୃଷ୍ଟି କରିପାରିବ । ଏହାଦ୍ୱାରା ଲକ୍ଷ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ହଜାର ହଜାର ନୂତନ ଏମ୍‌ଏସ୍‌ଏମ୍‌ଇ (ଗଝଗର) ସୃଷ୍ଟି ହୋଇପାରିବ।

ଢେଙ୍କାନାଳରେ ବିଦ୍ୟୁତ୍ ପ୍ରକଳ୍ପ ଓ ସ୍ମେଲ୍ଟର ଏବଂ ରାୟଗଡ଼ାରେ ଆଲୁମିନା ରିଫାଇନେରୀ ପ୍ରକଳ୍ପ ପାଇଁ ଜମି ଆବଣ୍ଟନ କରାଯାଇଛି। ପ୍ରକଳ୍ପ ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ପ୍ରଦାନ ମଧ୍ୟ ଠିକ୍ ଭାବେ ଚାଲିଛି । କମ୍ପାନୀର ନୂତନ କୋଇଲା ବ୍ଲକ ଚଳିତ ବର୍ଷ କାର୍ଯ୍ୟକ୍ଷମ ହେବାକୁ ଲକ୍ଷ୍ୟ ରଖାଯାଇଛି। ଏହା ବ୍ୟତୀତ, ଏହାର ଆଗାମୀ ବକ୍ସାଇଟ୍ ଖଣି ନିକଟରେ ଏକ ପ୍ରସ୍ତାବିତ ରେଳ ସଂଯୋଗକୁ ମଧ୍ୟ ରେଳ ମନ୍ତ୍ରଣାଳୟ ଦ୍ୱାରା ମଞ୍ଜୁରୀ ପ୍ରଦାନ କରାଯାଇଛି।

ଏହି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବେଦାନ୍ତର ଏହି ପୁଞ୍ଜିନିବେଶ ଆମ ଯୁବପିଢ଼ିଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବ । ବେଦାନ୍ତର ପ୍ରକଳ୍ପ ଗୁଡିକ ସମ୍ପର୍କରେ ପ୍ରତି ୧୫ ଦିନରେ ଥରେ ସମୀକ୍ଷା କରାଯାଇ ଠିକ୍ ସମୟରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ପଦକ୍ଷେପ ନିଆଯିବ । ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାରର ଅର୍ଥନୀତିରେ ପରିଣତ କରିବା ପାଇଁ ଆମର ଯାତ୍ରାକୁ ଏହି ସବୁ ପ୍ରକଳ୍ପ ଗୁଡିକ ଆହୁରି ତ୍ୱରାନ୍ୱିତ କରିବ। ଏହା ବିଶେଷ କରି କେନ୍ଦ୍ରୀୟ ଏବଂ ଦକ୍ଷିଣ ଓଡ଼ିଶାରେ ଆର୍ଥିକ କାର୍ଯ୍ୟକଳାପ ଏବଂ ଭିତ୍ତିଭୂମିର ବିକାଶକୁ ଅଧିକ ପ୍ରୋତ୍ସାହିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ୪ରେ କେରଳ ଛୁଇଁବ ମୌସୁମୀ

ନୂଆଦିଲ୍ଲୀ, ୨୭।୫(ମହାଭାରତ) ଚଳିତବର୍ଷ ମେ ୨୬ ତାରିଖରେ ମୌସୁମୀ କେରଳରେ ପହଞ୍ଚିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କରିଥିବା ପୂର୍ବାନୁମାନ ଭୁଲ୍ ପ୍ରମାଣିତ ହୋଇଛି। ପ୍ରତିବର୍ଷ ଜୁନ୍ ୧ ତାରିଖ ପାଖାପାଖି ମେସୁମୀ କେରଳମ୍ ଛୁଇଁଥାଏ। ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରଥମେ କେରଳମ୍‌କୁ ବର୍ଷା ଆଣିଥାଏ ଏବଂ ତା'ପରେ ଉତ୍ତର ଦିଗକୁ ଓ ଅନ୍ୟ ରାଜ୍ୟ ଆଡକୁ ଯାତ୍ରା ଆରମ୍ଭ କରିଥାଏ। ଯାହା ଭାରତର ବାର୍ଷିକ ବୃଷ୍ଟିପାତର ପ୍ରାୟ ୭୦% ପ୍ରଦାନ କରିଥାଏ। ବର୍ତ୍ତମାନ ପାଣିପାଗ ବିଶ୍ଳେଷଣରୁ ଜଣାପଡିଛି ଯେ ଏଥର ଏହା ଜୁନ୍ ୨-୪ ମଧ୍ୟରେ କେରଳମ୍‌ରେ ପହଞ୍ଚିବ। ଆଇଏମ୍‌ଡି ଆନୁଷ୍ଠାନିକ ଭାବେ ମୌସୁମୀ ପ୍ରବେଶ ବିଷୟରେ ଘୋଷଣା କରିବା ପାଇଁ ସୋମବାର ସୁଦ୍ଧା ଆବଶ୍ୟକ ମାନଦଣ୍ଡ ପୂରଣ ହୋଇ ନଥିବା କହିଛି। ଆସୁଥିବା ମୌସୁମୀର ସଦ୍ୟତମ ବିଶ୍ଳେଷଣରୁ ଏହା ମଧ୍ୟ କୁହାଯାଇଛି ଯେ ମୌସୁମୀ ଆସିଲେ ଏହାର ପ୍ରାରମ୍ଭିକ ତୀବ୍ରତା ଅସ୍ପଷ୍ଟ ହୋଇପାରେ। ତେବେ କେରଳମ୍‌ରେ ପ୍ରାକ୍-ମେସୁମୀ ବର୍ଷା ଆରମ୍ଭ ହୋଇସାରିଛି। ତିରୁଅନନ୍ତପୁରମ୍, କୋଲ୍ଲମ୍, ଆଲାପୁଝା ଓ ଏର୍ଣ୍ଣାକୁଲମ୍ ସମେତ ଚାରିଟି ଜିଲ୍ଲାରେ ପ୍ରବଳ ବର୍ଷା ଓ ବଜ୍ରପାତ ପାଇଁ ଆଇଏମ୍‌ଡି ୟେଲୋ ଆଲର୍ଟ ଜାରି କରିଛି।

## ଗୁଳିର ଜବାବ ଗୁଳିରେ ମିଳିବ : ପୋଲିସ କମିଶନର

ଭୁବନେଶ୍ୱର ୨୭।୫(ମହାଭାରତ) : ରାଜଧାନୀରେ ଅପରାଧୀଙ୍କୁ ଆଉ ନିସ୍ତାର ନାହିଁ । ନିରୀହଙ୍କୁ ଟାର୍ଗେଟ୍ କଲେ ଛଡ଼ାଯିବ ନାହିଁ । ଅପରାଧୀଙ୍କ ଗୁଳିର ଜବାବ ଗୁଳିରେ ଦେବ ପୋଲିସ । ଆଜି ସାମ୍ବାଦିକ ସମ୍ମିଳନୀରେ ଅପରାଧୀମାନଙ୍କୁ ଏଭଳି ଚେତାବନୀ ଦେଇଛନ୍ତି କଟକ-ଭୁବନେଶ୍ୱର ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ । ପୋଲିସ କମିଶନର କହିଛନ୍ତି ଯେ ଯେଉଁ ଅପରାଧୀମାନେ ନିରୀହ ଲୋକଙ୍କୁ କ୍ଷତି ପହଁଚାଇବାକୁ ଚେଷ୍ଟା କରିବ, କିମ୍ବା ପ୍ରାଣ ଉପରେ ଆଞ୍ଚ ଆସିବ ପୋଲିସ ଉଚିତ ଜବାବ ଦେବ । କେବଳ ପୋଲିସକୁ ଆଞ୍ଚ ଆସିଲେ ନୁହେଁ ସାଧାରଣ ଲୋକଙ୍କ ଉପରକୁ ଆଞ୍ଚ ଆସିଲେ ମଧ୍ୟ ପୋଲିସ ଗୁଳିରେ ଜବାବ ଦେବ । ସଂଗଠିତ ଅପରାଧ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ଗ୍ରହଣ କରାଯିବ । ସଂଗଠିତ ଅପରାଧ ବିରୁଦ୍ଧରେ ଏକ ଅଭିଯାନଭାବେ କାର୍ଯ୍ୟ କରାଯାଉଛି ।

# ଓଡ଼ିଶାକୁ ଦେଶର 'ଷ୍ଟିଲ୍ ରାଜଧାନୀ' ଗଢ଼ି ତୋଳିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ପାରାଦୀପ, ୨୭।୫(ମହାଭାରତ): ପାରାଦୀପର ଏରସମା ଅଞ୍ଚଳରେ ଜେଏସଡବ୍ଲୁ ଷ୍ଟିଲ୍‌ର ମେଗା ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟର ବ୍ଲାଷ୍ଟଫର୍ନେସ୍ ନିର୍ମାଣ କାର୍ଯ୍ୟ ଆଜି ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଏହି ଅବସରରେ ପାରାଦୀପର ଢିଙ୍କିଆ ଅ□ଳରେ ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିବା ସହିତ ଓଡ଼ିଶାକୁ ଦେଶର 'ଷ୍ଟିଲ୍ ରାଜଧାନୀ' ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଦୃଢ଼ ସଂକଳ୍ପ ନେଇଥିବା ପ୍ରକାଶ କରିଛନ୍ତି।

ଏହି ପ୍ରକଳ୍ପରେ ଜେଏସଡବ୍ଲୁ ଷ୍ଟିଲ୍‌ର ପକ୍ଷରୁ ସମୁଦାୟ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ। ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଅତ୍ୟାଧୁନିକ ପ୍ଲାଣ୍ଟରୁ ବାର୍ଷିକ ପ୍ରାୟ ୨୪ ମିଲିଅନ୍ ଟନ୍ ଷ୍ଟିଲ୍ ଉତ୍ପାଦନ ହେବ। ତା' ସହ ଏଠାରେ ୧୨ ମିଲିଅନ୍ ଟନର ଏକ ସିମେଣ୍ଟ ପ୍ଲାଣ୍ଟ, ୯୦୦ ମେଗାୱାଟର କାପ୍‌ଟିଭ୍ ପାୱାର ସିଷ୍ଟମ୍ ଏବଂ ଏକ ସ୍ୱତନ୍ତ୍ର ଜେଟି ମଧ୍ୟ ନିର୍ମାଣ କରାଯିବ।

ଜେଏସଡବ୍ଲୁ ଗ୍ରୁପ୍‌ର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଏବଂ ଜାପାନର ସହଯୋଗୀ କମ୍ପାନୀ ଜେଏଫଇ ଷ୍ଟିଲ୍‌ର ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ କମ୍ପାନୀକୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି।

ନିଜ ଅଭିଭାଷଣରେ ପୂର୍ବ ସରକାରଙ୍କୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ, ଯେଉଁ ପ୍ରକଳ୍ପ ପାଇଁ ଜନସାଧାରଣ ଦୁଇ ଦଶନ୍ଧି ଧରି ଅପେକ୍ଷା କରିଥିଲେ ଏବଂ ଦୁଇ ବର୍ଷ ତଳେ ଯାହାର କେବଳ ତରତରିଆ ଶିଳାନ୍ୟାସ କରାଯାଇଥିଲା, ତାହାକୁ ନୂତନ 'ଡବଲ ଇଞ୍ଜିନ' ସରକାର ଆସିବା ପରେ ଫାଷ୍ଟ-ଟ୍ରାକ୍ ମୋଡ୍‌ରେ କାର୍ଯ୍ୟକାରୀ କରାଯାଇଛି। ପୂର୍ବ ଗତିରେ କାମ ଚାଲିଥିଲେ ଯେଉଁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୮ ମସିହାରେ ଆରମ୍ଭ ହୋଇଥାନ୍ତା, ବର୍ତ୍ତମାନ ତାହା ୨୦୨୮ ସୁଦ୍ଧା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ଷ୍ଟିଲ୍ ଉତ୍ପାଦନ ଆରମ୍ଭ ହେବ। ସରକାରଙ୍କ ଏହି ଦ୍ରୁତ କାର୍ଯ୍ୟଶୈଳୀର ଉଦାହରଣ ଦେଇ ସେ ଖୋର୍ଦ୍ଧାର ଟ୍ରାଇମେଟ୍ରୋ ଗାର୍ମେଣ୍ଟସର ସଫଳତା ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି, ଯେଉଁଠାରେ ଶିଳାନ୍ୟାସର ବର୍ଷକ ମଧ୍ୟରେ ଉତ୍ପାଦନ ଆରମ୍ଭ ହୋଇସାରିଛି।



ଓଡ଼ିଶାର ବୈଦେଶିକ ଶିଳ୍ପ ଭାଗିଦାରୀକୁ ନେଇ ମୁଖ୍ୟମନ୍ତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି। ଜାପାନର ଔରର ଷ୍ଟିଲ୍ ସହଯୋଗରେ ଝାରସୁଗୁଡ଼ାରେ ଚାଲିଥିବା ୩୦ ହଜାର କୋଟି ଟଙ୍କାର ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବା ସହ ସେ କହିଥିଲେ, ଜାପାନ ସହ ଆଲୋଚନା ଅନୁଯାୟୀ ଖୁବ୍ ଶୀଘ୍ର ଓଡ଼ିଶା ଏବଂ ଜାପାନର 'ତୋତ୍ତୋରି' ରାଜ୍ୟ ମଧ୍ୟରେ ଭଗିନୀ ରାଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବ। ଏହାଦ୍ୱାରା ଓଡ଼ିଶାର ଶିଳ୍ପ, ପର୍ଯ୍ୟଟନ ଏବଂ ଶିକ୍ଷା କ୍ଷେତ୍ରରେ ଜାପାନ ବ୍ୟାପକ ପୁଞ୍ଜିନିବେଶ କରିବ। କେବଳ ପାରାଦୀପ କିମ୍ବା ଝାରସୁଗୁଡ଼ା ନୁହେଁ, ବରଂ ଢେଙ୍କାନାଳ ଓ କେନ୍ଦୁଝରରେ ମଧ୍ୟ ଖୁବ୍ ଶୀଘ୍ର ନୂତନ ଷ୍ଟିଲ୍ ପ୍ଲାଣ୍ଟମାନ ଗଢ଼ିଉଠିବ ବୋଲି ଶ୍ରୀ ମାଝୀ ସୂଚନା ଦେଇଥିଲେ।

ରାଜ୍ୟରେ ଶିଳ୍ପାୟନ ଓ ନିଯୁକ୍ତି ତାଙ୍କ ସରକାରଙ୍କ ସବୁଠୁ ବଡ଼ ଫୋକସ୍ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ଦୁଇ ବର୍ଷର ସଫଳତା ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ସମୟ ମଧ୍ୟରେ ସରକାର ୪୩୩ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୮ ଲକ୍ଷ ୫୦ ହଜାର କୋଟି ଟଙ୍କାର ନିବେଶ ସହ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବର୍ତ୍ତମାନ ସୁଦ୍ଧା ୧୪୮ଟି ପ୍ରକଳ୍ପର ଭୂମିପୂଜା ସରିଛି, ଯାହା ମାଧ୍ୟମରେ ପ୍ରାୟ ୨ ଲକ୍ଷ ୩୭ ହଜାର ଯୁବକଯୁବତୀ ନିଯୁକ୍ତି ପାଇଛନ୍ତି। ଦେଶର ବିଭିନ୍ନ ପ୍ରମୁଖ ସହର ଯଥା ହାଇଦ୍ରାବାଦ, କୋଲକାତା ଓ ଗୁଜରାଟ ଗସ୍ତ କରି ସେ ପ୍ରାୟ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆଣିବାରେ ସଫଳ ହୋଇଥିବା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ପ୍ରତି ଥିବା ସ୍ନେହ ଏବଂ ତାଙ୍କର 'ଯହି ସମୟ ହେ, ସହି ସମୟ ହେ' ଆହ୍ୱାନ ଯୋଗୁଁ ନିବେଶକମାନେ ଏବେ ଓଡ଼ିଶା ମୁହାଁ ହେଉଛନ୍ତି ବୋଲି ସେ କହିଥିଲେ।

ପାରାଦୀପର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ଗୁଜରାଟର ମୁନ୍ଦ୍ରା ବନ୍ଦର ଶୈଳୀରେ ଦୁଇ ଉପକୂଳ ବିକାଶ ରଣନୀତି ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' କଳ୍ପନାରେ ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର ପ୍ରମୁଖ ଭୂମିକା ଗ୍ରହଣ କରିବେ, ଯେଉଁଥିରେ ପାରାଦୀପ ସବୁଠାରୁ ଶୀର୍ଷରେ ରହିବ। ପାରାଦୀପରେ ଇଣ୍ଡିଆନ୍ ଅଏଲ୍ ରିଫାଇନାରୀ ଏବଂ ପେଟ୍ରୋ କେମିକାଲ୍ସ କମ୍ପ୍ଲେକ୍ସ ପରେ ଏବେ ଏକ କ୍ରୁଜ୍ ଟର୍ମିନାଲ୍ ଏବଂ ମେଗା ଜାହାଜ ନିର୍ମାଣ କମ୍ପ୍ଲେକ୍ସ ପ୍ରତିଷ୍ଠା ପାଇଁ ଯୋଜନା ରହିଛି।




**ପବିତ୍ର ଇଦ୍-ଉଜ୍-ଜୁହା-୨୦୨୬**
**ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ଇଦ୍-ଉଜ୍-ଜୁହା-୨୦୨୬ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0046 15001/46/2627



**ଇଦ୍-ଉଜ୍-ଜୁହା ଅବସରରେ**
**ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ରାଜ୍ୟବାସୀ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## କଞ୍ଚାଲଙ୍କା ଆଚାର



**ଆବଶ୍ୟକୀୟ ସାମଗ୍ରୀ :** କଞ୍ଚାଲଙ୍କା -୨୫୦ ଗ୍ରାମ, ଧନିଆ- ୧ଚାମଚ, ମଧୁରୀ-୧ଚାମଚ, ସୋରିଷ-୧ଚାମଚ, ମେଥି-୧ଚାମଚ, ହଳଦୀ ଅଧା ଚାମଚ, ହେଙ୍ଗୁ ଅଳ୍ପ, ଆମଚୁର ପାଉଡର-୨ଚାମଚ, ଭିନେଗାର-୧ଚାମଚ, ସୋରିଷ ତେଲ-୨ଚାମଚ, ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତ ପ୍ରଣାଳୀ :** ଏହି ସ୍ୱାଦିଷ୍ଟ ଆଚାର ପ୍ରସ୍ତୁତ କରିବା ପାଇଁ ସର୍ବପ୍ରଥମେ କଞ୍ଚାଲଙ୍କାକୁ ଧୋଇ ମଝିରୁ ଅଧା କାଟି ଶୁଖାଇ ଦିଅନ୍ତୁ । ତାପରେ ଏକ କଡେଇରେ ମଧୁରୀ,ମେଥୀ ,ସୋରିଷ ଏବଂ ଧନିଆ ମିଶାଇ ଭାଜି ତାକୁ ଅଳ୍ପ ପେଶୀ ଦିଅନ୍ତୁ । ବର୍ତ୍ତମାନ ସମସ୍ତ ମସଲାକୁ ଉକ୍ତ ଲଙ୍କାରେ ମିଶାଇ ଦିଅନ୍ତୁ । ଏହିସବୁ ମସଲା ସହିତ ସେଥିରେ ହଳଦୀ, ଆମଚୁର ପାଉଡର ଏବଂ ଲୁଣ ପକାଇ ଗୋଳାଇ ଦିଅନ୍ତୁ ।

ବର୍ତ୍ତମାନ ଏକ କଡେଇରେ ତେଲ ଗରମ କରି ସେଥିରେ ହେଙ୍ଗୁ ଏବଂ ସମସ୍ତ ଲଙ୍କା ମସଲା ପକାଇ ଘୋଡାଇ ଦିଅନ୍ତୁ । ବର୍ତ୍ତମାନ ଗ୍ୟାସ ବନ୍ଦ କରି ତିନିରୁ ଚାରି ମିନିଟ ପର୍ଯ୍ୟନ୍ତ ଘୋଡାଇ ଛାଡି ଦିଅନ୍ତୁ । ଏବେ ଏହାକୁ ଓହ୍ଲାଇ ଥଣ୍ଡା କରି ଏଥିରେ କିଛି ଭିନେଗାର ମିଶାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଆପଣଙ୍କ ସ୍ୱାଦିଷ୍ଟ ଲଙ୍କା ଆଚାର ।

### ଖବର

# ପୁଣି ବଲିଉଡକୁ ଫେରିବାକୁ ଇଚ୍ଛା ଜଣାଇଲେ ମୀନାକ୍ଷୀ ଶେଷାଦ୍ରି





ବିଗତ ଦିନର ଲୋକପ୍ରିୟ ଅଭିନେତ୍ରୀ ମୀନାକ୍ଷୀ ଶେଷାଦ୍ରି ପୁଣିଥରେ ବଲିଉଡକୁ ଫେରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ନିକଟରେ ସେ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରି କାମ ପାଇଁ ଆଗ୍ରହ ଜଣାଇଛନ୍ତି । ସେ କହିଛନ୍ତି ଯେ, ଭଲ ଭୂମିକା ମିଳିଲେ ସେ ଲିଡ୍, ସପୋର୍ଟିଂ କିମ୍ବା ଛୋଟ ଯେକୌଣସି ଭୂମିକା କରିବାକୁ ପ୍ରସ୍ତୁତ । ଏହି ଖବର ପରେ ଫ୍ୟାନମାନଙ୍କ ମଧ୍ୟରେ ତାଙ୍କ ସୁବର୍ଣ୍ଣ ଯୁଗର ସ୍ମୃତି ପୁଣି ତାଜା ହୋଇଯାଇଛି । ଏକ ସମୟରେ ଥିଏଟରେ ତାଙ୍କ ଫିଲ୍ମ ଚଳିବା ସମୟରେ ଦର୍ଶକମାନେ ଉତ୍ସାହରେ ହୁଇସିଲ୍ ମାରୁଥିଲେ ଏବଂ ନାଚୁଥିଲେ । ମୀନାକ୍ଷୀ ଶେଷାଦ୍ରିଙ୍କ ଜନ୍ମ ୧୬ ନଭେମ୍ବର ୧୯୬୩ରେ ବିହାରର ସିନ୍ଦରୀ (ବର୍ତ୍ତମାନ ଝାରଖଣ୍ଡ)ରେ ଏକ ତାମିଲ୍ ବ୍ରାହ୍ମଣ ପରିବାରରେ ହୋଇଥିଲା । ତାଙ୍କ ଅସଲ ନାମ ଥିଲା ଶଶିକଳା ଶେଷାଦ୍ରି । ଛୋଟବେଳୁ ସେ ନୃତ୍ୟରେ ଆଗ୍ରହୀ ଥିଲେ ଏବଂ ଭରତନାଟ୍ୟମ୍, ଓଡ଼ିଶୀ ଓ କୁଚିପୁଡ଼ି ଶିଖିଥିଲେ । ୧୯୮୧ରେ ସେ ମିସ୍ ଇଣ୍ଡିଆ ମଧ୍ୟ ଜିତିଥିଲେ ଏବଂ ସେହି ବର୍ଷ ମିସ୍ ଇଣ୍ଟରନ୍ୟାସନାଲ୍ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ । ପରେ ସେ ଫିଲ୍ମ ଜଗତକୁ ପ୍ରବେଶ କରି ସୁଭାଷ ଘାଇଙ୍କ ନିର୍ଦ୍ଦେଶନାରେ 'ହିରୋ' ଫିଲ୍ମରେ ଡେବ୍ୟୁ କରିଥିଲେ, ଯାହା ତାଙ୍କୁ ରାତିରାତି ସୁପରଷ୍ଟାର୍ କରିଦେଇଥିଲା । ତାଙ୍କ କ୍ୟାରିୟରରେ ସେ 'ମେରୀ ଜଙ୍ଗ୍', 'ଘର୍ ହୋ ତୋ ଐସା', 'ଶେହେନଶାହ', 'ଘାୟଲ୍', 'ସ୍ୱାତୀ' ଭଳି ଅନେକ ସଫଳ ଫିଲ୍ମରେ କାମ କରିଛନ୍ତି । ୧୯୯୦ର 'ଦାମିନୀ' ଫିଲ୍ମରେ ତାଙ୍କ ଶକ୍ତିଶାଳୀ ଅଭିନୟ ଆଜିପର୍ଯ୍ୟନ୍ତ ଲୋକଙ୍କ ମନରେ ରହିଯାଇଛି ।

# ସୂର୍ଯ୍ୟଙ୍କ କିରଣରେ ରହିଛି ଏହିସବୁ ବାସ୍ତୁ ଟିପ୍ସ



ଆମ ସଂସ୍କୃତି,ପରମ୍ପରାରେ ସୂର୍ଯ୍ୟଙ୍କୁ ସକଳ ଶକ୍ତିର ଆଧାର କୁହାଯାଇଥାଏ। ତେଣୁ ସକାଳେ ଉଠିବା ମାତ୍ରେ ସମସ୍ତେ ପ୍ରାୟତଃ ସୂର୍ଯ୍ୟ ପୂଜା କରିଥାନ୍ତି । ସୂର୍ଯ୍ୟ ଦେବତା ମନସ୍କାମନା ପୂର୍ଣ୍ଣ କରିଥାନ୍ତି ବୋଲି ଶାସ୍ତ୍ରରେ ମାନ୍ୟତା ରହିଛି । ତେବେ ଶାସ୍ତ୍ର ପରି ଜ୍ୟୋତିଷ ଓ ବାସ୍ତୁ ଶାସ୍ତ୍ରରେ ମଧ୍ୟ ସୂର୍ଯ୍ୟଙ୍କର ମହତ୍ତ୍ୱ ରହିଛି। ବାସ୍ତୁ ଅନୁସାରେ ,ଗୃହରେ ସୂର୍ଯ୍ୟ କିରଣ ପଡିବା ଦ୍ୱାରା ନକାରାତ୍ମକ ଶକ୍ତିର ବିନାଶ ହୋଇଥାଏ । ଏହା ସ୍ୱାସ୍ଥ୍ୟ ଲାଗି ମଧ୍ୟ ଭଲ ହୋଇଥାଏ । ସୂର୍ଯ୍ୟ କିରଣକୁ ନେଇଥିବା କିଛି ବାସ୍ତୁ ଟିପ୍ସ ସମ୍ପର୍କରେ ଆସନ୍ତୁ ଜାଣିବା ।

ସୂର୍ଯ୍ୟଙ୍କ କିରଣକୁ ଶକ୍ତିର ଉତ୍ସ ବୋଲି କୁହାଯାଏ । ଯେଉଁ ଘରେ ସୂର୍ଯ୍ୟ କିରଣ ପଡେନାହିଁ,ସେଠାରେ ବାସ୍ତୁ ଦୋଷ ଉତ୍ପନ୍ନ ହୋଇଥାଏ । ଭୋର ୪ଟାରୁ ୬ଟା ପର୍ଯ୍ୟନ୍ତ ସମୟକୁ ବ୍ରାହ୍ମ ମୁହୂର୍ତ୍ତ କୁହାଯାଇଥାଏ । ଏହି ସମୟରେ ସୂର୍ଯ୍ୟ ଅସୀମ ଉର୍ଜାର ଭଣ୍ଡାର ହୋଇଥାନ୍ତି । ଏହି ସମୟରେ ସୂର୍ଯ୍ୟ ଦେବତା ଐଶାନ୍ୟ କୋଣରେ ଅବସ୍ଥାପିତ ହୋଇଥାନ୍ତି । ତେଣୁ ଘରର ଐଶାନ୍ୟ କୋଣରେ ଠାକୁର ଘର କମ୍ବା ଅଧ୍ୟୟନ କକ୍ଷ ରହିବା ଉଚିତ୍ । ରାତି ୯ଟାରୁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ କୋଣରେ ରହିଥାନ୍ତି । ତେଣୁ ଏଦିଗରେ ଗ୍ୟାରେଜ,ଗୋଶାଳା ଆଦି ରହିବା ଉଚିତ ।

ବାସ୍ତୁରେ ଏହା ମଧ୍ୟ କୁହାଯାଇଛି ଯେ ଆପଣଙ୍କ ବାଥରୁମ୍ ଓ ରୋଷେଇ ଘରେ ମଧ୍ୟ ସୂର୍ଯ୍ୟଙ୍କର କିରଣ ଯେପରି ପଡେ,ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଏହାଦ୍ୱାରା ଆପଣଙ୍କ ଜୀବନରୁ ଅଶୁଭ ଗ୍ରହ ଦୋଷ ଦୂର ହୋଇଥାଏ ।

# କାମାଶ୍ରମର ନାମକରଣ

ଦଶରଥଙ୍କଠାରୁ ଅନୁମତି ପାଇଁ ଋଷି ବିଶ୍ୱାମିତ୍ରଙ୍କ ସହ ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣ ଯାତ୍ରା କଲେ । ଏହିପରି ଯାଉ ଯାଉ ପଥ ମଧ୍ୟରେ ଏକ ଆଶ୍ରମ ପଡ଼ିଲା । ସେହି ସମୟକୁ ସନ୍ଧ୍ୟା ଆଗତପ୍ରାୟ । କୁମାରଦ୍ୱୟ ପାଦରେ ଚାଲି ଚାଲି ପଥଶ୍ରାନ୍ତ ହୋଇଥିବେ ମନେ କରି ବିଶ୍ୱାମିତ୍ର ସେହି ଆଶ୍ରମ ମଧ୍ୟକୁ ପ୍ରବେଶ କଲେ ଏବଂ କୁମାରଦ୍ୱୟଙ୍କୁ ତାଙ୍କ ପଛରେ ଆସିବାକୁ ନିର୍ଦ୍ଦେଶ ଦେଲେ । ବିଶ୍ୱାମିତ୍ର ଯେଉଁ ଆଶ୍ରମରେ ବିଶ୍ରାମ ନେଲେ, ସେହି ଆଶ୍ରମର ଋଷି ଓ ଶିଷ୍ୟମାନେ ଆସି ବିଶ୍ୱାମିତ୍ରଙ୍କୁ ବହୁତ୍ ସମାଦନ ସହକାରେ ଗ୍ରହଣ କଲେ । ବିଶ୍ୱାମିତ୍ର ଅଯୋଧ୍ୟାର ରାଜକୁମାରଙ୍କ ପରିଚୟ ସେହି ଆଶ୍ରମବାସୀଙ୍କୁ ଜଣାଇଲେ ।



ଆଶ୍ରମବାସୀ ରାମ ଲକ୍ଷ୍ମଣଙ୍କୁ ଦେଖି ବହୁତ ଆନନ୍ଦ ଅନୁଭବ କଲେ । ବିଶ୍ୱାମିତ୍ର ଓ ରାଜକୁମାରଦ୍ୱୟଙ୍କୁ ସ୍ୱାଦିଷ୍ଟ ଫଳମୂଳ ଦ୍ୱାରା ସତ୍କାର କଲେ ଏବଂ ରାତ୍ରରେ ଶୟନ ପାଇଁ କୋମଳପତ୍ର ବିଛଣା ପ୍ରସ୍ତୁତ କରିଦେଲେ । ଶୟନ ସମୟରେ ରାମ ଲକ୍ଷ୍ମଣ ଗୁରୁଙ୍କ ପଦସେବା କରିବା ସମୟରେ ରାମ କହିଲେ, ଗୁରୁଦେବ ! ଏହି ଆଶ୍ରମର ନାମ କ'ଣ ଦୟାକରି ଜଣାନ୍ତୁ । ବିଶ୍ୱାମିତ୍ର କହିଲେ, ବତ୍ସ !ଏହି ଆଶ୍ରମର ନାମ ହେଉଛି 'କାମାଶ୍ରମ' । ଏହି ସ୍ଥାନରେ ଭଗବାନ ଶଙ୍କର ତପସ୍ୟା କରୁଥିଲେ । ସ୍ୱର୍ଗରୁ ନରକାସୁର ଉତ୍ପାତ ଆରମ୍ଭ କରିଦେଲା । ଭଗବାନ ଶଙ୍କରଙ୍କର ଶକ୍ତି ନ ହେଲେ ସେହି ଦାନବର ମୃତ୍ୟୁ ହେବ ନାହିଁ । ତେଣୁ ଦେବରାଜ ଇନ୍ଦ୍ର ଭଗବାନ ଶଙ୍କର ତପଃ ଭଗ୍ନ ପାଇଁ କାମଦେବକୁ ସେହି ସ୍ଥାନକୁ ପଠାଇଥିଲେ । ସେଠାରେ କାମଦେବ ଫୁଲଶର ମାରି ପ୍ରଭୁଙ୍କ ତପ ଭଗ୍ନ କରିଥିଲେ । କାମଦେବ ଭସ୍ମ ହୋଇଯିବା ପରେ ଭଗବାନ ଶିବ ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ । ଦେବଗଣ ଦେବୀ ପାର୍ବତୀଙ୍କୁ ସହାୟତାରେ ମହଦେଙ୍କ ନିୟମନ୍ତ୍ରଣ କଲେ। ଏହାଦ୍ୱାରା କାର୍ତ୍ତିକେୟ ଜନ୍ମ ନେଲେ। କାର୍ତ୍ତିକେୟ ନରକାସୁରକୁ ସଂହାର କଲେ । କାମଦେବଙ୍କ ପତ୍ନୀ ରତି ଦେବୀ ବିଳାପ କଲେ ଓ ଶିବଙ୍କୁ ପୂଜା କଲେ । ଭଗବାନ ଶିବ ସନ୍ତୁଷ୍ଟ ହୋଇ ଏହି ଆଶ୍ରମ ତିଆରି କରିଦେଲେ । ରତି ସେହିଦିନରୁ ଏହି ଆଶ୍ରମରେ ଅଛନ୍ତି । ଏହି ଆଶ୍ରମର ନାମ ସେଥିଯୋଗୁଁ କାମଦେବଙ୍କ ନାମରେ କାମାଶ୍ରମ ହୋଇଛି । ବିଶ୍ୱାମିତ୍ର କହିଲେ ହେ ରାମ / ରାତ୍ରି ଗଭୀର ହେଲା । ଏବେ ବିଶ୍ରାମ ନିଅ, କାଲି ବହୁତ୍ ଦୂରପଥ ଯାତ୍ରା କରିବାକୁ ହେବ। ରାମଲକ୍ଷ୍ମଣ ଗୁରୁଙ୍କ ନିର୍ଦ୍ଦେଶନୁସାରେ ବିଶ୍ରାମ ନେଲେ ।

# ମହାଦେବଙ୍କ ତୃତୀୟ ନେତ୍ର ଖୋଲିଲେ କ'ଣ ହେବ ?



ମହାଦେବଙ୍କ ତୃତୀୟ ନେତ୍ର କାହାକୁ ଦର୍ଶାଏ ? ଯଦି ଏହା ଖୋଲିଯିବ ତେବେ କ'ଣ ହେବ ? ଆଜି ଜାଣନ୍ତୁ ଏହାକୁ ନେଇ କ'ଣ କହୁଛି ବେଦଶାସ୍ତ୍ର ତ୍ରିଦେବଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛନ୍ତି ଭୋଳାଶଙ୍କର। ଯିଏ ନିଜ ଭକ୍ତଙ୍କୁ ବହୁତ ଭଲ ପାଆନ୍ତି। ସେମାନଙ୍କ କଷ୍ଟକୁ ହରଣ କରନ୍ତି। ଭୋଳା ବାବା ଅଧର୍ମକୁ ସହି ପାରନ୍ତି ନାହିଁ। ଧର୍ମର ପ୍ରତିଷ୍ଠାରେ ସବୁ ଦେବତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଥିବା ବେଳେ ଶିବଙ୍କର ସ୍ଥାନ ଖୁବ ଉଚ୍ଚରେ ରହିଛି। ସତୀ ଏବଂ ପାର୍ବତୀଙ୍କ ପତି ଭଗବାନ ଶଙ୍କରଙ୍କୁ ସଦାଶିବଙ୍କ କାରଣରୁ ଶିବ ମଧ କୁହାଯାଇଥାଏ। ସନତାନ ଧର୍ମର ପ୍ରମୁଖ ଆଦି ପଞ୍ଚ ଦେବତାଙ୍କ ମଧରେ ଭଗବାନ ଶଙ୍କରଙ୍କ ସ୍ଥାନ ରହିଛି। ସେହିଭଳି ଶଙ୍କରଙ୍କୁ ଦେବାଧି ଦେବ ମହାଦେବ ମଧ କୁହାଯାଇଥାଏ। ଭଗବାନ ଶିବ ଯେତିକି ଶୀଘ୍ର ପ୍ରସନ୍ନ ହୁଅନ୍ତି ସେତିକି ଶୀଘ୍ର କ୍ରୋଧିତ ମଧ ହୋଇଥାନ୍ତି। ସବୁ ଦେବତାଙ୍କ ମଧ୍ୟରୁ ମହାଦେବ ପ୍ରଚଣ୍ଡ ରାଗି । ସବୁ ଦେବତାଙ୍କୁ ପ୍ରସନ୍ନ କରିବା ପାଇଁ ବଡ ବଡ ପୂଜା କରାଯାଇଥାଏ । କିନ୍ତୁ ଭାଗବାନ ଶିବ କେବଳ ଶିବଲିଙ୍ଗରେ ଶ୍ରଦ୍ଧାର ସହ ଜଳ ଅର୍ପଣ କଲେ ମଧ ପ୍ରସନ୍ନ ହୋଇ ନିଜ ଭକ୍ତଙ୍କ କଲ୍ୟାଣ କରିଥାନ୍ତି । ଭଗବାନ ଶିବଙ୍କ ମଥାରେ ତୃତୀୟ ନୟନ ଥିବା କଥା ପୁରାଣରେ ଅଛି । ସେ ତୃତୀୟ ନୟନରେ ସବୁକିଛି ଦେଖିପାରନ୍ତି । ଯେତେବେଳେ ଶିବ ନିଜ ତୃତୀୟ ନୟନ ଖୋଲନ୍ତି ସେଥିରୁ ବହୁତ ତୀକ୍ଷ୍ଣ ଆଲୋକ ବାହାରିଥାଏ । ସେହି ଆଲୋକରେ ସବୁ ଭସ୍ମ ହୋଇଯାଏ ।ଏଭଳି ସ୍ଥିତିରେ ଶିବ ଯେକୌଣସି ଜାଗାକୁ ଦେଖିପାରନ୍ତି ଏବଂ କାହା ସହ ମଧ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନା କରିପାରିଥାନ୍ତି । ଭଗବାନ ଶିବଙ୍କ ତୃତୀୟ ନୟନକୁ ପ୍ରଳୟ ବୋଲି କୁହାଯାଏ। ଭଗବାନ ଶିବଙ୍କ ତୃତୀୟ ନୟନରୁ ବାହାରୁଥିବା କ୍ରୋଧ ଅଗ୍ନିରେ ପୃଥିବୀ ଧ୍ୱଂସ ହୋଇଯିବ । ଶିବଙ୍କ ୩ଟି ଆଖିର ଗୁଣ ଅଲଗା ଅଲଗା । ଭଗବାନ ଶିବଙ୍କ ତୃତୀୟ ନୟନ ତାଙ୍କ ମଥାରେ ଥାଏ ଯେଉଁଥିପାଇଁ ତାଙ୍କୁ ତ୍ରିନେତ୍ର କୁହାଯାଇଥାଏ । ଗୋଟିଏ ନୟନକୁ ଚନ୍ଦ୍ର, ଦ୍ୱିତୀୟକୁ ସୂର୍ଯ୍ୟ ଏବଂ ଶିବଙ୍କ ତୃତୀୟ ଚକ୍ଷୁ ଆଜ୍ଞାଚକ୍ର ବୋଲି କୁହାଯାଏ ।ବେଦ ଶାସ୍ତ୍ର ଅନୁସାରେ ଧରାପୃଷ୍ଠରେ ରହୁଥିବା ସମସ୍ତ ଜୀବଙ୍କ ୩ଟି ଚକ୍ଷୁ ରହିଛି । ୨ ଚକ୍ଷୁରେ ସମସ୍ତ ଜୀବ ଭୌତିକ ବସ୍ତୁ ଦେଖିଥାନ୍ତି ଏବଂ ତୃତୀୟ ଚକ୍ଷୁକୁ ବିବେକ ବୋଲି ବିଚାର କରାଯାଏ । କିନ୍ତୁ ତୃତୀୟ ଚକ୍ଷୁ ଦେଖାଯାଏନାହିଁ । ମହାଭାରତର ଷଷ୍ଠ ଖଣ୍ଡ ଅନୁଶାସନ ପର୍ବ ଅନୁସାରେ ଏକଦା ଭଗବାନ ଶିବ ହିମାଳୟ ପର୍ବତ ରେ ସଭା କରୁଥିଲେ। ଏଥିରେ ସମସ୍ତ ଦେବତା, ଋଷି ମୁନି ଥିଲେ। ସେହି ସମୟରେ ମାତା ପାର୍ବତୀ ସେଠାକୁ ଆସିଲେ ଓ ଭୋଳାନାଥଙ୍କ ଆଖିରେ ଦୁଇ ହାତ ରଖିଦେଲେ। ଭଗବାନ ଶିବଙ୍କ ଆଖି ଲୁଚିଯିବା କାରଣରୁ ସୃଷ୍ଟିରେ ଅନ୍ଧାର ହୋଇଗଲା। ଏମିତି ଲାଗିଲା ଯେମିତି ଭଗବାନଙ୍କ ଗୁରୁତ୍ୱ କିଛି ଆଉ ସତେ ନାହିଁ।

# ଈଶ୍ୱରଙ୍କ ନାମ ବଜ୍ର ସଦୃଶ

ସବୁ ସମୟରେ ଓ ସବୁ ଅବସ୍ଥାରେ ଶ୍ରଦ୍ଧା ତଥା ଭକ୍ତିରେ ଈଶ୍ୱରଙ୍କ ନାମ ସ୍ମରଣ କରିବା ଉଚିତ। ଈଶ୍ୱରନାମ ବଜ୍ର ସଦୃଶ, ଯାହାପର୍ବତ ପ୍ରମାଣ ପାପକୁ ମଧ୍ୟ ତରଳାଇ ଦେଇପାରେ। ଦୁରନ୍ତ ଭବରୋଗର ଏହା ଅବ୍ୟର୍ଥ ମହୌଷଧ। ସେଇ ନାମ ତୁମକୁ



ନିଶ୍ଚୟ ଶାନ୍ତି ପ୍ରଦାନ କରିବ। ମାୟାର ଅନ୍ଧକାରକୁ ବିତାଡ଼ିତ କରୁଥିବା ଜ୍ଞାନର ଉଦୟମାନ ସୂର୍ଯ୍ୟର ଆଲୋକ ପରି ହରିନାମ ଜ୍ୟୋତିର୍ମୟ, ଏହା ଯେପରି ଦୀପ୍ତିମାନ ସେହିପରି ବିଶ୍ୱମୟ ଓ ପବିତ୍ର। ପବିତ୍ର ହରିନାମକୁ ମୁହୂର୍ତ୍ତେ ମାତ୍ର ଅପବ୍ୟବହାର କରନାହିଁ। ସେହି ନାମ ସ୍ମରଣ ନ କରି ମୁହୂର୍ତ୍ତେ ମାତ୍ର ସମୟ କାଟ ନାହିଁ। ମନେରଖ ଯେ, ଏହି ହରିନାମ ଏପରି ମିଠା ଯେ, ପ୍ରହ୍ଲାଦ ଉଚ୍ଚାରଣ କଲାମାତ୍ରେ ତାହା ଶୁଣୁଥିବା ଅସୁରମାନଙ୍କର ହୃଦୟ ମଧ୍ୟ ପରିବର୍ତ୍ତିତ ହୋଇ ଯାଉଥିଲା। ହରିନାମର ଏପରି ମାଧୁରୀ ଯେ, ପ୍ରହ୍ଲାଦ ସହ ହରିନାମ ଗାଇ ଗାଇ ଅସୁର ସନ୍ତାନମାନେ ଆନନ୍ଦ ଉଲ୍ଲାସରେ ନୃତ୍ୟ କରୁଥିଲେ ।

# ଦରବୃଦ୍ଧିର ବୋଝ

ପିଆଜ, ଚିନି, କିରୋସିନିଠାରୁ ଆରମ୍ଭ କରି ଚାଉଳ ଗହମର ଦରବୃଦ୍ଧି ଅନେକ ସରକାରର ପତନର କାରଣ ହୋଇଛି। ସମ୍ପ୍ରତି ଦେଶରେ ବିଭିନ୍ନ ସାମଗ୍ରୀର ଦର ବୃଦ୍ଧି ଜନିତ ପରିସ୍ଥିତି ୧୯୭୯ରେ ଜନତା ସରକାରର ପତନ ପରିସ୍ଥିତି ଭଳି ହୋଇଛି। ସେତେବେଳେ ଠିକ ଏମିତି ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ଏହାର ସୁଯୋଗ ନେଇ ଇନ୍ଦିରା ଗାନ୍ଧି ୧୯୮୦ରେ କ୍ଷମତାକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଲୋକଙ୍କ ଉପରେ ଦରବୃଦ୍ଧିର ବୋଝ ବଢ଼ିଲେ ସେମାନେ କ୍ଷମତାସୀନ ଦଳ ଉପରେ ରାଗ ସୁଝନ୍ତି। ଏବେ ଚାଉଳ, ଗହମ, ଖାଇବା ତେଲ ଓ ଗ୍ୟାସ ଦର ଯେପରି ଭାବେ ବୃଦ୍ଧି ପାଇଛି ସେଥିରେ ଲୋକଙ୍କ ରୋଷ କେନ୍ଦ୍ରରେ କ୍ଷମତାସୀନ ଦଳ ପାଇଁ ମହଙ୍ଗା ପଡ଼ିପାରେ। ନିର୍ବାଚନ ବେଳେ ଲୋକେ ରାଷ୍ଟ୍ରର ସ୍ୱାର୍ଥ, ଦେଶର ବିକାଶ ଏବଂ ଦୀର୍ଘସୂତ୍ରୀ ଯୋଜନା ସମ୍ପର୍କରେ କିଛି ବୁଝନ୍ତି ନାହିଁ। ସେତେବେଳେ ଲୋକେ କେବଳ ନିଜ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ବିଚାର କରି ନିଜ ରାୟ ଦିଅନ୍ତି। କେନ୍ଦ୍ରରେ କ୍ଷମତାସୀନ ନରେନ୍ଦ୍ର ମୋଦି ସରକାର ଏହାକୁ ବୁଝିବା ଉଚିତ। ଦେଶରେ ଦରବୃଦ୍ଧିର ଅନେକ କାରଣ ରହିଛି। ଯୁଦ୍ଧ ଏବଂ ଅସ୍ୱାଭାବିକ ପାଣିପାଗ ଭଳି ଅନେକ ବାହ୍ୟ କାରଣ ରହିଛି ଯାହା ସରକାଙ୍କ ନିୟନ୍ତ୍ରଣରେ ନାହିଁ। କିନ୍ତୁ ଅନେକ ଦରବୃଦ୍ଧି ନିମନ୍ତେ ଟିକସ ବ୍ୟବସ୍ଥାକୁ ମଧ୍ୟ ଦାୟୀ କରୁଛନ୍ତି। ଟିକସ ବ୍ୟବସ୍ଥାରେ ସଂସ୍କାର ଲାଗି ୨୦୧୭ରେ କେନ୍ଦ୍ର ସରକାର ଦେଶରେ ଜିଏସଟି ଲାଗୁ କଲେ। ୨୦୧୭ ଜୁଲାଇ ପହିଲାରୁ ସାରା ଦେଶରେ ଏହା କାର୍ଯ୍ୟକାରୀ ହେଲା। ସ୍ୱାଧୀନତା ପରେ ଦେଶରେ ଟିକସ ବ୍ୟବସ୍ଥାରେ ଏହା ଥିଲା ସବୁଠାରୁ ବଡ଼ ସଂସ୍କାରମୂଳକ ପଦକ୍ଷେପ। ଦେଶର ଅଧିକାଂଶ ସାମଗ୍ରୀ ଓ ସେବା ଜିଏସଟି ପରିସରଭୁକ୍ତ ହେଲା। ଉଦ୍ଦେଶ୍ୟ ଥିଲା ଟିକସ ବ୍ୟବସ୍ଥାକୁ ସରଳ କରିବା ଏବଂ ସାରା ଦେଶରେ ସମସ୍ତ ପ୍ରକାର ସାମଗ୍ରୀ ଓ ସେବା ଉପରେ ସମାନ ଟିକସ ଆଦାୟ କରିବା। ଏହା ଦ୍ୱାରା ସବୁ ସାମଗ୍ରୀର ଦର ଦେଶରେ ସମାନ ରହିବ। କିନ୍ତୁ ପେଟ୍ରୋଲ ଓ ଡିଜେଲ ଏବଂ ରନ୍ଧନ ଗ୍ୟାସକୁ ଜିଏସଟି ପରିସରଭୁକ୍ତ କରାଗଲା ନାହିଁ। ରାଜ୍ୟମାନେ ଏହାକୁ ବିରୋଧ କଲେ। ପେଟ୍ରୋଲ ଓ ଡିଜେଲ ଉପରେ ଏବେ ବି ଭାଟ ଆଦାୟ ହେଉଛି ଏବଂ ବିଭିନ୍ନ ରାଜ୍ୟରେ ଏହାର ଦରରେ ପାର୍ଥକ୍ୟ ରହିଛି। ରାଜ୍ୟମାନଙ୍କର ରାଜସ୍ୱ ସଂଗ୍ରହର ଏହା ଏକ ପ୍ରମୁଖ ଉତ୍ସ। ତେଣୁ ସେମାନେ ଏହାକୁ ଜିଏସଟି ପରିସରଭୁକ୍ତ କରିବା ପ୍ରସ୍ତାବକୁ ବିରୋଧ କରୁଛନ୍ତି। ଫଳରେ ଜିଏସଟି ଲାଗୁ ହେବାର ପାଇଦା ଲୋକଙ୍କୁ ମିଳିଲାନି। ବରଂ ଲୋକଙ୍କ ଉପରେ ଜିଏସଟି ବୋଝ ଦିନକୁ ଦିନ ବଢ଼ିବାରେ ଲାଗିଛି। ଦେଶରେ ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରକ୍ରିୟା ଜାରି ରହିଛି। ଅବଶ୍ୟ ଗ୍ୟାସ ଦର ବୃଦ୍ଧି କେବଳ ଭାରତ ନୁହେଁ, ସାରା ବିଶ୍ୱରେ ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହୋଇଗଲାଣି। କିନ୍ତୁ ଏହାର ପ୍ରତିକାର ମଧ୍ୟ ରହିଛି। ଏଥିପାଇଁ ସରକାର ଏଲପିଜିକୁ ଜିଏସଟି ପରିସରଭୁକ୍ତ କରନ୍ତୁ ବା ଏହା ଉପରୁ ଟିକସ କମାନ୍ତୁ, ଏବଂ ରାଜସ୍ୱ କ୍ଷତି ଭରଣା କରିବାକୁ ଅନାବଶ୍ୟକ ଖର୍ଚ୍ଚ ବନ୍ଦ କରନ୍ତୁ। କରୋନା ମହାମାରୀ ବେଳେ ଲୋକେ ଯେତିକି ଅସୁବିଧାର ସମ୍ମୁଖୀନ ହୋଇନଥିଲେ ଏବେ ତାଠାରୁ ୪ଗୁଣ ଅଧିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଲୋକଙ୍କ କ୍ରୟ ଶକ୍ତି ହ୍ରାସ ପାଇଥିବା ବେଳେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି। କେବଳ ଯୁଦ୍ଧ ଯୋଗୁ ନୁହେଁ, ଅଦିନିଆ ବର୍ଷା ବା ଅସ୍ୱାଭାବିକ ପାଣିପାଗ ଯୋଗୁ ମଧ୍ୟ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ପାଉଛି। ଏଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ଆମେ ଆଗୁଆ ପ୍ରସ୍ତୁତ ହୋଇନଥିବାରୁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଦେଶରେ ପ୍ରତିବର୍ଷ କୃଷି ଉତ୍ପାଦନ ବଢୁଛି। ଅଧିକାଂଶ ଖାଦ୍ୟ ଉତ୍ପାଦନରେ ଭାରତ ସ୍ୱାବଲମ୍ବୀ ହୋଇପାରିଛି।

# ମାନବ କୈନ୍ଦ୍ରିକ ଜଗତୀକରଣ ଜରୁରୀ

॥ ବାଦଲ ଭୂୟାଁ ॥

“ ଦକ୍ଷତା ବିକାଶ ଜରୁରୀ। ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଭଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି। ସେଠାରେ ସ୍କିଲିଂ ଏବଂ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟାର ସମାଧାନ ଏବଂ ସେମାନଙ୍କ ନୈତିକ ଶିକ୍ଷା ବଢ଼ାଇବା ଉପରେ ସର୍ଭେ ମଧ କରାଯାଇଛି। ଟେକ୍ନିକାଲ ଏବଂ ଭୋକେସନାଲ ଟ୍ରେନିଂ ହବ ବନାଇବା ପାଇଁ ଶ୍ରମିକ ବିଭାଗ ସହ ମିଳିତ ଭାଗିଦାରୀରେ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି।

ଗ୍ଲୋବାଲ ସାଉଥ ମେଧାବୃତ୍ତି ଆରମ୍ଭ କରିବ ଭାରତ : ସମଗ୍ର ବିଶ୍ୱରେ ଶିକ୍ଷା କ୍ଷେତ୍ରରେ ଭାରତ ଏକ ଆଦର୍ଶଣୀୟ ରାଷ୍ଟ୍ର ଭାବେ ଆଜି ନିଜ ଶ୍ରେଷ୍ଠତା ପ୍ରତିପାଦନ କରିଛି। ଗତ ତିନି ବର୍ଷ ଭାରତ ଭଳି ବିକାଶଶୀଳ ଦେଶଗୁଡ଼ିକ ପାଇଁ ବେଶ ଆହ୍ୱାନପୂର୍ଣ୍ଣ ଥିଲା। କିନ୍ତୁ ନୂଆବର୍ଷ ନୂଆ ଆଶା ନେଇ ଆସିଛି। ଆମେ ସଭିଏଁ ଗ୍ଲୋବାଲଇଜେଶନକୁ ସମର୍ଥନ କରୁ। ଭାରତ ସର୍ବଦା ବିଶ୍ୱକୁ ଏକ ପରିବାର ରୂପରେ ଦେଖିଥାଏ। ଆମେ ଏପରି ଏକ ଜଗତୀକରଣ ଚାହୁଁ ଯେଉଁଠି ଜଳବାୟୁ କିମ୍ବା ଋଣ ସଙ୍କଟ ସୃଷ୍ଟି ହେଉ ନଥିବ, ଯାହା ମାନବକୈନ୍ଦ୍ରିକ ହୋଇଥିବ। ଯେଉଁଠି ଟିକାକରଣରେ ଅସମାନତା ନଥିବ ଏବଂ ଯେଉଁଠି ମାନବିକତା ଏବଂ ସମୃଦ୍ଧିର ସ୍ଥାନ ଥିବ ବୋଲି ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଳନୀର ଉଦଘାଟନୀ ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ସୂଚନାଥାଉକି ଦୁଇଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ୧୨୦ରୁ ଅଧିକ ବିକାଶଶୀଳ ଦେଶ ଭାଗ ନେଇଛନ୍ତି। ଏହା ଗ୍ଲୋବାଲ ସାଉଥର ସବୁଠାରୁ ବଡ଼ ଧରଣର ଭର୍ଚୁଆଲ ସମିଟ। ପ୍ରଧାନମନ୍ତ୍ରୀ କହିଥିଲେ, ଜାତିସଂଘ ସୁରକ୍ଷା ପରିଷଦ ସମେତ ଅନ୍ତର୍ଜାତୀୟ ସଙ୍ଗଠନ ଗୁଡ଼ିକରେ ତତ୍କାଳ ଏକ ମୌଳିକ ସୁଧାରର ଆବଶ୍ୟକତା ରହିଛି। ଭାରତ ଏକ ଗ୍ଲୋବାଲ ସାଉଥ ସେଣ୍ଟର ଅଫ ଏକ୍ସିଲେନ୍ସ ସ୍ଥାପନ କରିବ। ନୂଆ ପ୍ରୋଜେକ୍ଟ ଆରୋଗ୍ୟ ମୈତ୍ରୀ ବାବଦରେ ମୋଦି ପ୍ରକାଶ କରିଥିଲେ। ଏହାଦ୍ୱାରା ଭାରତ ପ୍ରାକୃତିକ ବିପର୍ଯ୍ୟୟ ଏବଂ ମାନବୀୟ ସଙ୍କଟର ସମ୍ମୁଖୀନ ହେଉଥିବା ଦେଶ ଗୁଡ଼ିକୁ ମେଡ଼ିକାଲ ସୁବିଧା ଉପଲବ୍ଧ କରାଇପାରିବ ବୋଲି ସେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ଯୁଦ୍ଧ, ଆତଙ୍କବାଦ ସମେତ ବିଭିନ୍ନ ବୈଶ୍ୱିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମ୍ପ୍ରତି ବିଶ୍ୱ ସଙ୍କଟରେ ପଡ଼ିଛି। ଆଉ କେତେ ଦିନ ଏହି ଅସ୍ଥିରତା ଜାରି ରହିବ ତାହା କହିବା କଷ୍ଟକର ବୋଲି କହିଥିଲେ। ଏଥିସହ ଇନ୍ଧନ ସଙ୍କଟ, ଖାଦ୍ୟାଭାବ, ମୁଦ୍ରାସ୍ଫୀତି, କରୋନା ମହାମାରୀ, ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଆଦି ଉପରେ ଚିନ୍ତା ବ୍ୟକ୍ତ କରିଥିଲେ। ଭଏସ ଅଫ ଗ୍ଲୋବାଲ ସାଉଥ ସମିଟରେ ବାର୍ବାଡ଼ାସ, କୋଷ୍ଟାରିକା, କମନୱେଲଥ ଦେଶ ବାହାମାସ, କ୍ୟୁବା, ଗାମ୍ବିଆ, ହଣ୍ଡୁରାସ, ଲାଓ ପିପୁଲସ ଡେମାକ୍ରାଟିକ ରିପବ୍ଲିକ, ଫେଡେରେଟେଡ ଷ୍ଟେଟ ଅଫ ମାଇକ୍ରୋନେସିଆ, ରିପବ୍ଲିକ ଅଫ ନାଉରୁ, ସେଣ୍ଟ ଲୁସିଆ. ସେଣ୍ଟ ଭିନସେଣ୍ଟ ଏବଂ ଦି ଗ୍ରେନାଡାଇନସ, ସୋଲୋମନ ଆଇଲ୍ୟାଣ୍ଡ, ତୁର୍କମେନିସ୍ତାନ, ଉରୁଗୁଏ, ୟେମେନ ସମୂହ ଦେଶ ଅଂଶ ଗ୍ରହଣ କରିଥିଲେ।

ଭାରତର ଶିକ୍ଷା ବ୍ୟବସ୍ଥା ପ୍ରଶଂସନୀୟ କାରଣ କେନ୍ଦ୍ରଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାୟିତ୍ୱ ନେବା ପରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଆହୁରି ବାସ୍ତବାଭିମୁଖୀ ଓ ଶିକ୍ଷାଭିମୁଖୀ କରିପାରିଛନ୍ତି। ଗାମ୍ବିଆର ଶିକ୍ଷା ମନ୍ତ୍ରୀ ପ୍ରଫେସର ପାଏରୀ ଗୋମେଜ ଶିକ୍ଷା ପ୍ରଯୁକ୍ତିବିଦ୍ୟା ଓ ଦକ୍ଷତା ବିକାଶ ଦିଗରେ ଭାରତୀୟ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ଷ୍ଟେମ ବର୍ଗରେ ଭାରତ ସହ ଭାଗିଦାରୀ ହେବା ପାଇଁ ସେ ଇଚ୍ଛା ପ୍ରକାଶ କରିବା ସହ ବୈଷୟିକ, ଧନ୍ଦାମୂଳକ, ଶିକ୍ଷା ପ୍ରଶିକ୍ଷଣକୁ ତାଙ୍କ ଦେଶ ଗୁରୁତ୍ୱ ଦେଇ ଏହାକୁ ବିକଶିତ କରିବା ପାଇଁ ସେ ଭାରତର ସହଯୋଗ ଲୋଡ଼ିଥିଲେ। ନ୍ୟାସନାଲ ଏଜୁକେସନାଲ ହବ ଏବଂ ନ୍ୟାସନାଲ ଟେକ୍ନୋଲୋଜି ପାର୍କ ସ୍ଥାପନ କରିବା ପାଇଁ ସେ ଭାରତ ଠାରୁ ସହଯୋଗ ଆଶା କରିଥିଲେ। ବିକାଶ ଏଜେଣ୍ଡା ପୂରଣ ପାଇଁ ଭାରତର ସହଯୋଗ ଲୋଡ଼ା। ସ୍ଥାୟୀ ବିକାଶ ଏଜେଣ୍ଡାକୁ ପୂରଣ କରିବା ପାଇଁ ଭାରତର ସହଯୋଗ ଲୋଡ଼ା ବୋଲି ସୋଲୋମାନ ଆଇଲ୍ୟାଣ୍ଡର ଶିକ୍ଷାମନ୍ତ୍ରୀ ଲେନଲୀ ତାନଗାଣ୍ଡା କହିଛନ୍ତି। ଭାରତର ଷ୍ଟଡି ଏବଂ ଟ୍ରେନିଂ ବ୍ୟବସ୍ଥା ଏକ ସଫଳ ମଡ଼େଲ ବୋଲି ସେ ପ୍ରକାଶ କରିଥିଲେ।

ଦକ୍ଷତା ବିକାଶ ଜରୁରୀ। ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଭଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି। ସେଠାରେ ସ୍କିଲିଂ ଏବଂ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟାର ସମାଧାନ ଏବଂ ସେମାନଙ୍କ ନୈତିକ ଶିକ୍ଷା ବଢ଼ାଇବା ଉପରେ ସର୍ଭେ ମଧ କରାଯାଇଛି। ଟେକ୍ନିକାଲ ଏବଂ ଭୋକେସନାଲ ଟ୍ରେନିଂ ହବ ବନାଇବା ପାଇଁ ଶ୍ରମିକ ବିଭାଗ ସହ ମିଳିତ ଭାଗିଦାରୀରେ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି। ଡିଜିଟାଲ ଏଜୁକେଶନ ରିସୋର୍ସ ମଧ କରାଯାଇଛି। ଅଧିକାଂଶ ସମୟରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଶିକ୍ଷାନୁଷ୍ଠାନଗୁଡ଼ିକର ଡିଜିଟାଲାଇଜେସନ କରାଯାଇଥିବା ଗ୍ଲେନିସ କହିଛନ୍ତି।

ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା । ଉରୁଗୁଏ ଶିକ୍ଷାମନ୍ତ୍ରୀ ପାବଲୋ ଦା ସିଲଭେରା କହିଛନ୍ତି ଭବିଷ୍ୟତ ପିଢ଼ି ପାଇଁ ଶିକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା। ନିଜ ଦେଶର ସମାଜ ଏବଂ ମାନବ ସମ୍ବଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷାକୁ ନିରନ୍ତର ବିକଶିତ କରିବା। ପରାଧୀନ ମାନସିକତା ବଦଳାଇବା। ଗ୍ଲୋବାଲ ସାଉଥ ଦେଶରେ ଥିବା ଶିକ୍ଷା ବ୍ୟବସ୍ଥା ପରାଧୀନ ମାନସିକତା ଯୋଗୁ ଶତାବ୍ଦୀ ଶତାବ୍ଦୀ ଧରି କ୍ଷତି ସହୁଥିଲା। ସମୟ ଆସିଛି, ଏହାକୁ ପରିବର୍ତ୍ତନ କରି ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ କାର୍ଯ୍ୟ କରିବା। ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଗୁଣାତ୍ମକ, ସୁଲଭ ଏବଂ ଉତ୍ତରଦାୟିତ୍ୱ ଭଳି ସ୍ତମ୍ଭ ଉପରେ ପର୍ଯ୍ୟବେସିତ ଜାତୀୟ ଶିକ୍ଷା ନୀତି ଭାରତୀୟ ଚରିତ୍ର ସହ ଜଡ଼ିତ ଏବଂ ୨୦୩୦ ସାମଗ୍ରିକ ବିକାଶ ସହ ସମ୍ମେଳିତ। ଏହା ଆମ ଯୁବପିଢ଼ିଙ୍କୁ ବୈଶ୍ୱିକ ନାଗରିକ ଭାବେ ବିକଶିତ କରିବ, ଯାହା ଦ୍ୱାରା ସେମାନେ ମାନବତାର କଲ୍ୟାଣ ପାଇଁ ବୈଶ୍ୱିକ ସମସ୍ୟାର ସମାଧାନର ସୂତ୍ର ବାହାର କରିପାରିବେ।

ମାତୃଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଇଛି । ସ୍କୁଲ ଶିକ୍ଷା ସ୍ତରରେ ପ୍ରାରମ୍ଭିକ ଭାବେ ଶୈଶବ ଯତ୍ନ ଓ ଶିକ୍ଷାକୁ ପ୍ରାଥମିକତା ଦିଆଯାଇଛି। ଦିବ୍ୟାଙ୍ଗ ଶିଶୁଙ୍କୁ ସବୁପ୍ରକାର ସହଯୋଗ ପ୍ରଦାନ କରାଯିବା ସହ ଶିକ୍ଷକଙ୍କ ଦକ୍ଷତା ବିକାଶ ଏବଂ ଟ୍ରେନିଂ ଉପରେ ମଧ ପଦକ୍ଷେପ ନିଆଯାଇଛି। ସ୍କୁଲ ଯାଉଥିବା ବାଳିକାଙ୍କ ସ୍ୱାସ୍ଥ୍ୟ ଏବଂ ପୋଷଣକୁ ଉନ୍ନତ କରିବା ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ପାଠ୍ୟକ୍ରମକୁ ପୁନଃ ଡିଜାଇନ କରାଯାଇ ଏହାକୁ ଛାତ୍ରଛାତ୍ରୀ କେନ୍ଦ୍ରୀୟ କରିବା ସହ ମାତୃଭାଷାରେ ଶିକ୍ଷା ଆହରଣ ଓ ଶିକ୍ଷାଦାନକୁ ବିଶେଷ ମହତ୍ତ୍ୱ ଦିଆଯାଇଛି। ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇ ଉଚ୍ଚ ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ସଂସ୍କାର ଅଣାଯାଇଛି। ପରିବର୍ତ୍ତିତ ବିଶ୍ୱର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମଲ୍ଟି ଏଣ୍ଟ୍ରି ଏକଜିଟ ସହ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଧିକ ସୁବିଧା ସୁନିଶ୍ଚିତ କରାଯାଇଛି। ସ୍କୁଲ, ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷାର ଏକୀକରଣ କରିବା ପାଇଁ ଟେକ୍ନୋଲୋଜି ଭିତ୍ତିଭୂମି ଯଥା ନ୍ୟାସନାଲ ଲେବଲ ଷ୍ଟୁଡେଣ୍ଟ ରେଜିଷ୍ଟ୍ରି, ଏକାଡ଼େମିକ ବ୍ୟାଙ୍କ ଅଫ କ୍ରେଡିଟ ଆଣ୍ଡ ସ୍କିଲ ଇଣ୍ଡିଆ ଡିଜିଟାଲ ପୋର୍ଟାଲ ପ୍ରସ୍ତୁତ କରାଯାଉଥିବା ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ। ଇ-ବିଦ୍ୟା ପାଇଁ ୨୬୦ ଟିଭି ଚ୍ୟାନେଲ। ସ୍କିଲ ଲ୍ୟାବ ଏବଂ ଶିଳ୍ପ ଶିକ୍ଷାନୁଷ୍ଠାନ ମଧ୍ୟରେ ସଂଯୋଗୀକରଣ କରାଯାଇ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଧନ୍ଦାମୂଳକ ଶିକ୍ଷା ସହ ଯୋଡ଼ାଯାଉଛି। ନିଯୁକ୍ତି କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କୁ ଶିଳ୍ପ କ୍ଷେତ୍ରରେ ଇଣ୍ଟର୍ଣ୍ଣସିପ ଏବଂ ଆପ୍ରେଣ୍ଟିସିପ ପ୍ରଦାନ କରାଯାଇ ଛାତ୍ରଛାତ୍ରୀଙ୍କ ଅଭିଜ୍ଞତା ପ୍ରଦାନ କରିବା ଦିଗରେ ପ୍ରାଧାନ୍ୟ ଦିଆଯାଇଛି। ପିଏମ ଇବିଦ୍ୟା ପଦକ୍ଷେପ ସ୍ୱରୂପ ଦୀକ୍ଷା, ଇ-ପାଠଶାଳା, ସ୍ୱୟଂ ପ୍ରଭା ଟିଭି ଏବଂ ୨୬୦ରୁ ଅଧିକ ଟିଭି ଚ୍ୟାନେଲର ବ୍ୟବସ୍ଥା କରାଯାଇଛି।

ଶିକ୍ଷାର ଅନ୍ତର୍ଜାତୀୟକରଣକୁ ଗୁରୁତ୍ୱ : ଶିକ୍ଷାର ଅନ୍ତର୍ଜାତୀୟକରଣ ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ଅଂଶ। ଜାତୀୟ ଶିକ୍ଷା ନୀତି ଭାରତକୁ ଗ୍ଲୋବାଲ ଷ୍ଟଡି ଡେଷ୍ଟିନେସନ ଭାବରେ ପ୍ରୋତ୍ସାହିତ କରୁଛି, ଯାହା ଦ୍ୱାରା ସୁଲଭ ମୂଲ୍ୟରେ ଗୁଣାତ୍ମକ ଶିକ୍ଷାର ଲାଭ ଛାତ୍ରଛାତ୍ରୀମାନେ ପାଇପାରିବେ। ଭାରତରେ ଥିବା ଶିକ୍ଷାନୁଷ୍ଠାନ ବିଦେଶର ଉଚ୍ଚ ଶିକ୍ଷାନୁଷ୍ଠାନ ସହ ମିଶି ଛାତ୍ରଛାତ୍ରୀଙ୍କୁ ଡୁଆଲ ଡିଗ୍ରୀ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଆଇଆଇଟି ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକ ବିଦେଶରେ ନିଜ କ୍ୟାମ୍ପସ ଆରମ୍ଭ କରିବା ପାଇଁ ଯାଉଛନ୍ତି। ଏହାବ୍ୟତୀତ ଭାରତରେ ବୈଦେଶିକ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଥିବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ। ଭାରତ ଆଜି ଶିକ୍ଷା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ପଥରେ ଆଗେଇଛି।

୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

# ଅର୍ନ୍ତବାଣୀ

॥ ଅନୀତା ପଟ୍ଟନାୟକ ॥

ମୋ ଭିତରେ ନିଶ୍ଚୟଭାବେ କିଏ ଅଛି ଯେ କି ମୋ ଭିତରେ ଦିନସାରା କିଛିନା କିଛି ଭାବନା ସୃଷ୍ଟି କରି ଗପକରି ଚାଲିଛି। ମୋ ଭିତରେ ନିଶ୍ଚୟ ଭାବରେ ଗୋଟିଏ ଗନ୍ତାଘର ଅଛି, ଯେ କି ମୋର ଚିନ୍ତାଧାରା ଗୁଡ଼ିକୁ ସଜାଡ଼ି ରଖୁଛି। ମୋ ଭିତରେ ନିଶ୍ଚୟ କିଛି ଲିଭାଇବା ଯନ୍ତ୍ର ଅଛି, ଯେ କି ଦରକାର ହେଲେ ମୋର ଖରାପ ଚିନ୍ତାକୁ ସୁନ୍ଦର ଭାବରେ ଲିଭାଇ ଦେଇ ପାରୁଛି। ମୋ ଭିତରେ ନିଶ୍ଚୟ ଭାବରେ ଜଣେ କେହି ଋଷି ପ୍ରତିମ ଜ୍ଞାନୀଗୁଣୀ ବ୍ୟକ୍ତି ଅଛନ୍ତି, ଯେ କି ମତେ ସୁନ୍ଦର ଚିନ୍ତାଧାରା ଦେଉଛନ୍ତି। ମୋ ଭିତରେ ଅଗ୍ନିର ଲେଲିହାନ ଶିଖାପରି କିଛି ଅଛି ନଚେତ ମୁଁ ଜନ୍ମରୁ ଆଜି ପର୍ଯ୍ୟନ୍ତ ଯେତେ ଖାଦ୍ୟ ଖାଇ ସାରିଛି ତାହାକୁ ସେ ହଜମ କରି ସାରିଛି ଓ ପୁଣି କ୍ଷୁଧା ସୃଷ୍ଟି କରୁଛି ଓ ଭକ୍ଷଣ କରିବ କହୁଛି। ମୋ ଭିତରେ ନିଶ୍ଚୟ ସୁମଧୁର ସ୍ୱରଥିବା କୌଣସି ଘଣ୍ଟା ଅଛି ନଚେତ କାଳ ବିଷୟରେ ମତେ କିଏ ସଚେତନ କରାଉଛି ? ମୋ ଭିତରେ କଣ ଆଗ୍ନେୟଗିରି ଅଛି ? ନଚେତ ସାଧାରଣ କଥାରେ ରାଗରେ ଜର୍ଜରିତ ହେଉଛି କିପରି ? ମୋ ଭିତରେ କିଛି ଗୋଟେ ଚଳନ୍ତତା ଯନ୍ତ୍ର ଅଛି ନଚେତ ମୋ ଦେହର ରକ୍ତ କଣିକା ଗୁଡ଼ିକ ଆପାଦମସ୍ତକ ଦୌଡ଼ି ପାରୁଛି କିପରି ? ନିଶ୍ଚୟ ମୋ ଭିତରେ ପ୍ରଭୁ ରହିଛନ୍ତି ଓ ମତେ ସୁରକ୍ଷା ଦେବା ସହ ଚଲାପଥରେ ସାହାଯ୍ୟ କରୁଛନ୍ତି।

ଏମିତି ଗୁଡ଼ିଏ ଚିନ୍ତା କରୁଥିବା ସମୟରେ ମୁଁ ଗୋଟିଏ ବଗିଚା ନିକଟରେ ପହଞ୍ଚିଲି, ଦେଖିଲି ଭଳି କି ଭଳି ଫୁଲ ଫୁଟିଛି ଭାବିଲି ନିଶ୍ଚୟ ଏ ବଗିଚାରେ କିଏ ଗୋଟିଏ ମାଳି ଅଛି, ନଚେତ ସୁନ୍ଦର ଭାବେ ଘାସ କଟାଯାଇ ମୁଲାୟମ ଚାଦର/ଗାଲିଚା କିଏ ସୃଷ୍ଟି କରିଛି ? ଫୁଟିଥିବା ନାଲି ନାଲି ଗୋଲାପ ଗଛକୁ କୁଣ୍ଡରେ ଧାଡ଼ି ଧାନି କରି କିଏ ସାଇତି ରଖିଛି ? ଗଛ ସବୁ କଟାଯାଇ ସେଥିରେ ସୁନ୍ଦର ସୁନ୍ଦର ପଶୁ ଓ ପକ୍ଷୀର ଆକୃତି କିଏ କରିଛି ? ବିଭିନ୍ନ ରଙ୍ଗର ସୂର୍ଯ୍ୟମୁଖୀ ଫୁଲ, କଇଁ ଫୁଲ, କନିଅର ଫୁଲ, ଟଗରଫୁଲ, ଚମ୍ପାଫୁଲ ଓ ରଜନୀଗନ୍ଧା ଫୁଲକୁ କିଏ ସୁରକ୍ଷା ଦେଉଛି ? ଫୁଲ ଗୁଡ଼ିକ ନୀରବ ସାଧକ ପରି ଆଗନ୍ତୁକ ମାନଙ୍କୁ ଆନନ୍ଦ ପ୍ରଦାନ କରୁଛନ୍ତି। ମତେ ଲାଗିଲା ଏ ସବୁ ଭିତରେ ମାଳି ଯେପରି ବଗିଚାକୁ ସଜାଇଛି ସେହିପରି ସୃଷ୍ଟିରେ କେହି ଜଣେ ସୃଷ୍ଟିକର୍ତ୍ତା ଅଛନ୍ତି ଯେ କି ମୋ ଭିତରେ ବାହାରେ ସର୍ବତ୍ର ଅଛନ୍ତି ଓ ମତେ ସଜାଇ ରଖିଛନ୍ତି। ସୃଷ୍ଟିକର୍ତ୍ତାଙ୍କ ବିଷୟରେ ଏପରି ଭାବୁ ଭାବୁ ମତେ ଟିକେ ହାଲିଆ ଲାଗିବାରୁ ମୁଁ ବଗିଚା କଡ଼ରେ ଥିବା ଅନାବନା ଅସଜଡ଼ା ଘାସ ଦେଖିବାକୁ ପାଇଲି ଓ ସେଠାରେ ବସି ପଡ଼ିଲି। ଭାବିଲି ଭଗବାନଙ୍କ ପାଖରେ କେତେ ପରିମାଣର ସୁନ୍ଦର ସୁନ୍ଦର ରଙ୍ଗ ଅଛି ସତେ ? ବୃକ୍ଷର ପତର ସବୁ ସବୁଜ। ଆକାଶ ନୀଳ, ନାଲି, ହଳଦୀ, ଗୋଲାପି ରଙ୍ଗର କେତେ ଗୋଲାପ ଫୁଲ। ହଳଦିଆ କନିଅର ଫୁଲ ଇତ୍ୟାଦି ଇତ୍ୟାଦି। ମୁଁ ଚିତ୍ରଟିଏ ଆଙ୍କିଦେଲେ ମୋର ରଙ୍ଗଡବାଟି ସରିଯାଉଛି ସୃଷ୍ଟିକର୍ତ୍ତା କେଉଁଠାରୁ ଏତେ ପ୍ରକାରର ଓ ଏତେ ରଙ୍ଗ ଆଣୁଛନ୍ତି ? ସେ କାରଖାନା କେଉଁଠାରେ ବିଦ୍ୟମାନ। ଭାବିଲି ଆରେ ପରିବାପତ୍ର ମଧ ବିଭିନ୍ନ ପ୍ରକାରର ଓ ରଙ୍ଗର। ଆଳୁ ମାଟିଆ ଗୋଲାକାର ଓ ଚେପେଟା, ବାଇଗଣ ଧଳା, କଳା। ଫୁଲକୋବି ଧଳା, ସବୁଜ ବନ୍ଧାକୋବି। ଏ ସବୁ ସୃଷ୍ଟିକର୍ତ୍ତା ସୃଷ୍ଟି କରିଛନ୍ତି ଆମକୁ ଖୁସି କରିବା ପାଇଁ ବିନା କର ଦେଇ ବାୟୁ, ଅଗ୍ନି, ଜଳ ଆକାଶ ସବୁ କିଛି ଦେଇଛନ୍ତି। ମା କହନ୍ତି 'ଭଗବାନଙ୍କୁ ପୂଜା କରିବା, ମନ୍ଦିର ଯିବା, ଭଜନ କରିବା, ଧ୍ୟାନ କରିବା ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ଏସବୁ ସୃଷ୍ଟିକର୍ତ୍ତାଙ୍କୁ କରଦେବା ସଦୃଶ।

ଏ ସମୟରେ ଦେଖିଲି ସୁନ୍ଦର ବଗିଚାର ପାଚେରୀ କଡ଼ରେ ମୁଁ ବସିଥିବା ଜାଗାର ପାଖରେ ଅନାବନା ଦୁବଘାସ ବଢ଼ିଛି ମତେ ଲାଗିଲା ସତେ ଯେପରି କହୁଛି ହେ ମାନବ ଦେଖ ମୋର କି ଅଲୋଡ଼ା ଜୀବନ। ପାଚେରୀ ଘେରା ସୁନ୍ଦର ବଗିଚାରେ ଯେଉଁ ଆଗନ୍ତୁକମାନେ ଆସୁଛନ୍ତି ଓ ବଗିଚାର ଚୌକିରେ ବସିଛନ୍ତି ଗାଲିଚା ପରା ଘାସକୁ ସୁନ୍ଦର କହି ଉପଭୋଗ କରୁଛନ୍ତି, ହେଲେ ମୋର ଜୀବନ କ୍ଷଣସ୍ଥାୟୀ, ମୋ ଉପରେ ମଣିଷ, ଜୀବଜନ୍ତୁ ସବୁ ଚଢ଼ି ଚାଲିଯାଉଛନ୍ତି। କି ତୁଚ୍ଛ ମୋର ଜୀବନ। ଏହି ସମୟରେ ମୋର ଭିତରୁ ସ୍ୱତଃ ବାହାରି ପଡ଼ିଲା ଆରେ ମୁଁ ଏତେ ସମୟ ହେବ କ'ଣ କରୁଛି ? ଆଜିପରା ରଥଯାତ୍ରା ମା କହିଥିଲେ ଆସିବାବେଳେ ଦୁବଘାସ ଆଣିବୁ। ପ୍ରଭୁ ଜଗନ୍ନାଥ ତାଙ୍କ କିରଟୀରେ ଦୁବଘାସ ଲଗାଇବାକୁ ଭାରି ଭଲ ପାଆନ୍ତି ତେଣୁ ଘରେ ଥିବା ଜଗନ୍ନାଥଙ୍କ ମୂର୍ତ୍ତିରେ ସେ ଦୁବଘାସ ପ୍ରଦାନ କରିବେ କହିଥିଲେ। ମୁଁ ସଯତ୍ନେ ଦୁବଘାସକୁ ଉପାଡ଼ିଲି ଓ ମନେ ମନେ ଭାବିଲି ଏ ପୃଥିବୀରେ କିଛି ତୁଚ୍ଛନୁହେଁ। ଭଗବାନ କିଛି ନା କିଛି ଉଦ୍ଦେଶ୍ୟ ରଖି ପ୍ରତ୍ୟେକ ବସ୍ତୁକୁ ସୃଷ୍ଟି କରିଛନ୍ତି କେହି ଛୋଟ ବା ବଡ଼ ନୁହଁନ୍ତି। ସଚରାଚର ଜଗତରେ ସେ ବିଦ୍ୟମାନ। ଏ ଦୁବ, ବଗିଚାରେ ନାହିଁ ବୋଲି ଦୁଃଖ କରିବା ଉଚିତ ନୁହେଁ କାରଣ ବଗିଚାର ଗାଲିଚା ସଦୃଶ ଘାସ ଠାରୁ ମଧ ମହାନ। ଭଗବାନଙ୍କର କିରଟୀରେ ରହି ସେ ତାର ଜନ୍ମର ପୂର୍ଣ୍ଣତା ଲାଭ କରିବ ହେଲେ ମତେ ଅନେକ ସମୟ ବିତାଇବାକୁ ଅଛି ଏ ଜନ୍ମର ସାର୍ଥକତା ପାଇଁ। ଶୀଘ୍ର ଯାଏ ନଚେତ ମା ଅଭିମାନ କରିବେ।

ପ୍ଲଟନଂ-୫ଡି/୧୪୫୦, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# ମୁଣ୍ଡ ନେଉଛି ଡ୍ରେନ୍

॥ ରଶ୍ମୀରେଖା ପରିଡ଼ା ॥

ଦୁଇଦିନ ତଳେ କଟକ ବିଡ଼ାନାସୀରେ ଏକ ଅଭାବନୀୟ ଘଟଣାକ୍ରମରେ ଜଣେ କୋମଳମତି ପିଲାର ଜୀବନ ଯାଇଛି। ସେହିପରି ଭୁବନେଶ୍ୱରରେ ଗତବର୍ଷ ଜଣେ କଲେଜରୁ ଫେରୁଥିବା ଛାତ୍ରୀ ଖୋଲା ଡ୍ରେନରେ ପଡ଼ି ଜୀବନ ହାରିଥିଲେ। କେତେବେଳେ ମଣିଷ ତ, ଆଉ କେତେବେଳେ ପଶୁ। କିଛି ଦିନ ବ୍ୟବଧାନରେ ବାରମ୍ବାର ଅଘଟଣ ଘଟୁଛି। କେତେକଙ୍କ ଜୀବନ ବଞ୍ଚିଯାଉଛି ତ ଆଉ କେତେକଙ୍କ ମୃତଦେହ ଉଦ୍ଧାର ହେଉଛି। ଗତ କିଛି ବର୍ଷ ମଧ୍ୟରେ ସହରରେ ଏହିଭଳି ୬ରୁ ଅଧିକ ଘଟଣା ସାମ୍ନାକୁ ଆସିଲାଣି। ଫଳରେ କଟକ ସହର ପାଇଁ ଏବେ ମରଣଯନ୍ତା ପାଲଟିଛି ମୁକୁଳା ଡ୍ରେନ। ଏହାସତ୍ତ୍ୱେ ସିଏମସି କର୍ତ୍ତୃପକ୍ଷ ସ୍ଲାବ ପକାଇବା ବଦଳରେ ନିରବଦ୍ରଷ୍ଟା ସାଜିଛନ୍ତି।

କଟକ ସହରର ଚାରିଆଡ଼େ ମୁକୁଳା ଡ୍ରେନ। ପ୍ରତି ବର୍ଷ ସିଏମସି ଛୋଟ ଡ୍ରେନରେ ସ୍ଲାବ ପକାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି। କିନ୍ତୁ ସଫଳ ମିଳୁନାହିଁ। ଯାହାଦ୍ୱାରା ମୁକୁଳା ଡ୍ରେନ ଯୋଗୁଁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏମିତିକି କଟକ ଭଳି ଚଳଚଞ୍ଚଳ ସହରରେ ସବୁ ଛୋଟ ବଡ଼ ଡ୍ରେନ ମୁକୁଳା। କୌଣସି ସ୍ଥାନରେ କଂକ୍ରିଟ ବାଡ଼ ତ ଦୂର କଥା ଲୁହାବାଡ଼ ଖଣ୍ଡେ ଘେରା ହୋଇନି। ଯାହାଦ୍ୱାରା ନିରୀହ ଲୋକଙ୍କ ଜୀବନ ଯାଉଛି। ଗତ କିଛି ବର୍ଷ ତଳେ ଅନ୍ଦରପୁର ଅଞ୍ଚଳରେ ଜଣେ କାର ଚାଳକ କାର ସହ ଡ୍ରେନରେ ପଡ଼ି ଯାଇଥିଲେ। ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ସେହିଭଳି କିଛି ମାସ ତଳେ ବଜ୍ରକବାଟି ମୁଖ୍ୟ ଡ୍ରେନରୁ ଜଣେ ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର ହୋଇଥିଲା। ଏହାସହ ଲିଙ୍କରୋଡ଼ ଡ୍ରେନ, ନୂଆ ବଜାର ଡ୍ରେନ ଓ ବୃନ୍ଦାବନ ସିନେମା ହଲ ପଛ ପାର୍ଶ୍ୱ ଡ୍ରେନରୁ କ୍ରମାଗତ ଭାବେ ମୃତଦେହ ଉଦ୍ଧାର ହେଉଛି। ସବୁଠୁ ବଡ଼ କଥା ହେଉଛି, ଲୋକମାନେ ଡ୍ରେନରେ ଗଳିବା ପରେ କିଛି ଦିନ ପରେ ଭାସମାନ ଅବସ୍ଥାରେ ମୃତଦେହ ଉଦ୍ଧାର ହେଉଛି ଯାହାଦ୍ୱାରା ସେମାନଙ୍କର ପରିଚୟ ମିଳିବା ଓ ମୃତ୍ୟୁର କାରଣ ମଧ ଜାଣିବା ପୁଲିସ ପାଇଁ କାଠିକର ପାଠ ହେଉଛି। ଯେଉଁଠି ସାମାନ୍ୟ ଜୀବନକୁ ମୂଲ୍ୟବାନ ଭାବେ ଗ୍ରହଣ କରାଯାଇ ବିଭିନ୍ନ ବିଭାଗ ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ସେଠାରେ ସିଏମସିର ଏଭଳି ଅବହେଳା ପାଇଁ ଜୀବନ ଯାଉଥିଲେ ମଧ ଏ ଦିଗରେ ସରକାର କିମ୍ବା କୌଣସି ନେତା କିମ୍ବା ମନ୍ତ୍ରୀ ମୁହଁ ଖୋଲୁନାହାଁନ୍ତି। ସହରର ଅନେକ ସ୍ଥାନରେ ଘର ଆଗରେ ଡ୍ରେନ ଦେଖିବାକୁ ମିଳୁଛି। ବର୍ଷ ବର୍ଷ ଧରି ଯାହାର ଢ଼ାଙ୍କୁଣା ଖୋଲା ପଡୁଛି। ଯାହାଦ୍ୱାରା ମଣିଷ ଓ ବୁଲା ଗୋରୁଗାଈ ମଧ ତା ଭିତରେ ପଡ଼ି ଅକାରଣରେ ଜୀବନ ହରାଉଛନ୍ତି। ସହରକୁ ସୁନ୍ଦର ଓ ରାସ୍ତାକୁ ପ୍ରଶସ୍ତ କରିବା ପାଇଁ ସରକାର ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ ତାହା ବାସ୍ତବରେ ପାଣିରେ ପଡୁଛି କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ସରକାର ତୁରନ୍ତ ସହର ତମାମ ମୁକୁଳା ଡ୍ରେନକୁ ବନ୍ଦ କରନ୍ତୁ। ବର୍ଷାଦିନେ ମଧ ଏହାର ଆହୁରି ବିପଦ ବଢ଼ିଯାଏ କାରଣ ରାସ୍ତା ଓ ଖୋଲା ଡ୍ରେନ ଦେଖାଯାଇନଥାଏ। ତେଣୁ ଏ କ୍ଷେତ୍ରରେ ପ୍ରଶାସନର ଦାୟିତ୍ୱ ସହିତ ଆମ୍ଭମାନଙ୍କର ମଧ ଗୁରୁଦାୟିତ୍ୱ ରହିଛି। ଆମ୍ଭେମାନେ ସଚେତନ ହୋଇ ସୂଚନା ଫଳକ ତୁରନ୍ତ ଲଗାଇ ପ୍ରଶାସନକୁ ଜଣାଇବା। ଏହା ସ୍ୱାଭାବିକ ଭାବେ ଜଣେ ଆଦର୍ଶ ନାଗରିକର କର୍ତ୍ତବ୍ୟ।

ମରିଚପୁର, ବାଲିକୁଦା, ଜଗତସିଂହପୁର

## ନିଆଁଲାଗି ସାତଟି ପରିବାର ସର୍ବସ୍ୱାନ୍ତ

ବାଣପୁର, (ମହାଭାରତ): ବୁଧବାର ସକାଳ ୯ଘଟିକା ସମୟରେ ବାଣପୁର ବ୍ଲକ ଅନ୍ତର୍ଗତ ନନ୍ଦପୁର ଗ୍ରାମପଞ୍ଚାୟତ ଅଧିନସ୍ଥ ମାଣିତ୍ରି ଗ୍ରାମରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ସାତଟି ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି । ପ୍ରକାଶ ଥାଉ କି ଉକ୍ତ ଗ୍ରାମର ଉଦୟନାଥ ସାହୁ, ରାଜକିଶୋର ସାହୁ, ଅଭିମନ୍ୟୁ ସାହୁ, ଦିଲୀପ ସାହୁ, ମହେଶ୍ୱର ମହାରଣା, ଶିବ ମହାରଣା, ଶ୍ୟାମ ସୁନ୍ଦର ସାହୁଙ୍କ ପରିବାର ଅତି ଗରିବ ଶ୍ରେଣୀର ହୋଇଥିବା ବେଳେ ପ୍ରତ୍ୟେକ ପରିବାର ଦିନ ମଜୁରିଆ ଅଟନ୍ତି । ଚୁଲି ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ପୀଡିତ ପରିବାର ତରଫରୁ କୁହାଯାଇଥିବା ବେଳେ ସୂଚନା ପାଇ ବାଣପୁର ଅଗ୍ନିଶମ ବିଭାଗ ଏବଂ ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିବା ବେଳେ ନିଆଁର ଆଁ ଭିତରେ ଘରର ସବୁ ଆଶାବାବ ପତ୍ର ସହ ଟଙ୍କା ପଇସା ଧ୍ୱଂସ ହୋଇଯାଇଥିଲା । ପୀଡିତ ପରିବାର ଲୋକ କେବଳ ପିନ୍ଧିଥିବା ବସ୍ତ୍ର ସହ ଅନ୍ୟ କୌଣସି ଜିନିଷ ଉଦ୍ଧାର ହୋଇପାରିନଥିଲା । ଖବର ପାଇ ରାଜସ୍ୱ ନିରୀକ୍ଷକ ପହଂଚି କ୍ଷୟକ୍ଷତି ଆକଳନ କରିଥିବା ବେଳେ କୌଣସି ସରକାରୀ ସାହାଯ୍ୟ ମିଳିପାରିନାହିଁ । ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ନିର୍ଦେଶ କ୍ରମେ ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ ଏବଂ ସ୍ଥାନୀୟ ସରପଞ୍ଚ ପୁଷ୍ପମିତ୍ର ଖୁଣ୍ଟିଆ ପହଞ୍ଚି ସମସ୍ତ ପରିବାରର ୨୫ଜଣଙ୍କ ପାଇଁ ଖାଦ୍ୟ ପ୍ରଦାନ କରିବା ସହ ଅଙ୍ଗନବାଡି ଘରେ ରହିବା ପାଇଁ ସୁବିଧା କରିଥିଲେ । ସରପଞ୍ଚ ଶ୍ରୀଯୁକ୍ତ ଖୁଣ୍ଟିଆ ସମସ୍ତ ପରିବାରକୁ ଦୈନନ୍ଦିନ ବ୍ୟବହାର ସାମଗ୍ରୀ କିଣିବାକୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିବା ବେଳେ ଆସନ୍ତା ପାଞ୍ଚଦିନ ପାଇଁ ଚାଉଳ,ରାସନ ସାମଗ୍ରୀ ସହ ପରିବା ପତ୍ର ଯୋଗାଇ ଦେଇଛନ୍ତି । ଅଧକ୍ଷ ଶ୍ରୀଯୁକ୍ତ ରଣସିଂହ ସମସ୍ତ ପୀଡିତ ପରିବାରକୁ ବାସଗୃହ ଯୋଗାଇ ଦିଆଯିବ । ସରକାରଙ୍କ ତରଫରୁ କ୍ଷତିଗ୍ରସ୍ତ ପରିବାର ଗୁଡିକୁ ସରକାରଙ୍କ ତରଫରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## କାଜୁ ଜଙ୍ଗଲରୁ ନର କଙ୍କାଳ ଠାବ

ନୟାଗଡ, (ମହାଭାରତ) : ନୟାଗଡ଼ ଜିଲ୍ଲା ଫତେଗଡ ଥାନା ଅଞ୍ଚଳ ରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। କାଜୁ ଜଙ୍ଗଲ ଭିତରୁ ଏକ ନର-କଙ୍କାଳ ଠାବ ହେବା ପରେ ସମଗ୍ର ଅଞ୍ଚଳରେ ଭୟ ଓ ଉତ୍କଣ୍ଠାର ପରିବେଶ ସୃଷ୍ଟି ହୋଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଫତେଗଡ ଥାନା ଅଧୀନ ଗୋଳା ପୋଖରୀ ପଞ୍ଚାୟତର ରାଇବେରେଣି ଆମ୍ବତୋଟା ନିକଟସ୍ଥ କାଜୁ ଜଙ୍ଗଲରେ। ସ୍ଥାନୀୟ ଲୋକେ ଜଙ୍ଗଲ ମଧ୍ୟରେ କିଛି ହାଡ଼ ଓ ମୁଣ୍ଡ ଖପୁରି ପଡ଼ିଥିବା ଦେଖି ପ୍ରଥମେ ଭୟଭୀତ ହୋଇପଡ଼ିଥିଲେ। ପରେ ଖବର ପାଇ ଅଞ୍ଚଳ ବାସୀ ଘଟଣାସ୍ଥଳରେ ଭିଡ଼ ଜମାଇଥିଲେ। ଘଟଣାସ୍ଥଳରୁ ମିଳିଥିବା କଙ୍କାଳ, ହାଡ଼ ଓ ଖପୁରିକୁ ଦେଖି ଏହା ଏକ ମଣିଷର ମୃତଦେହର ଅଂଶ ହୋଇଥିବା ସନ୍ଦେହ କରାଯାଉଛି। ହେଲେ ମୃତକ କିଏ, କେବେ ଏଠାରେ ଆସିଥିଲେ ଓ କିଭଳି ମୃତ୍ୟୁ ଘଟିଲା, ସେନେଇ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇନାହିଁ। ଖବର ପାଇ ଫତେଗଡ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନର କଙ୍କାଳ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ପକ୍ଷରୁ ଘଟଣାସ୍ଥଳକୁ ଘେରାଉ କରାଯାଇଥିବା ବେଳେ ଫରେନ୍ସିକ ଟିମ୍ ଘଟଣା ର ତଦନ୍ତ ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଥିବା ସୂଚନା ମିଳିଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଚାପା ଉତ୍ତେଜନା ଜାରି ରହିଛି। ସ୍ଥାନୀୟ ଲୋକେ ଏହାକୁ ନେଇ ଭିନ୍ନ ଭିନ୍ନ ଆଶଙ୍କା ପ୍ରକାଶ କରୁଥିବା ବେଳେ ପୋଲିସ ତଦନ୍ତ ପରେ ମାତ୍ର ସମସ୍ତ ଘଟଣାର ପର୍ଦାଫାସ ହେବ ବୋଲି କୁହାଯାଉଛି।

## କୋଠି ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ବିୟୋଗରେ ଶୋକ

ପାରାଦୀପ/କୁଜଙ୍ଗ, (ମହାଭାରତ) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ କୋଠି ଗ୍ରାମପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀଧର ସାହୁଙ୍କର ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଯାଇଛି । ସେ ଦୀର୍ଘଦିନ ହେବ ଅସୁସ୍ଥ ହୋଇ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ଅନ୍ତିମ ଶଯ୍ୟା ନିକଟରେ ତାଙ୍କ ପୁତ୍ର ତ୍ରିଲୋଚନ ସାହୁ, ଝିଅ ପ୍ରିୟଦର୍ଶିନୀ, ଜ୍ୱାଇଁ ସରୋଜ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ । ଲକ୍ଷ୍ମୀଧରଙ୍କ ବିୟୋଗରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ବିଜେଡି ପାରାଦୀପ ନଗର ସଭାପତି କୁମରବର ନାୟକ, ସାଧାରଣ ସମ୍ପାଦକ ଶଙ୍କର ରାଉତ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଚିନ୍ମୟ ପରିଡା, ସମ୍ପାଦକ ଚିତ୍ତ ରଞ୍ଜନ ରାଉତରାୟ, ରଶ୍ମି ରଞ୍ଜନ ପରିଡା, ପାରିଷଦ ପ୍ରଭାତୀ ନାୟକ, ଶିଳ୍ପପତି ବୈଷ୍ଣବ ଚରଣ ନାୟକ, ଗ୍ରୀନ ପାରାଦୀପ ଟ୍ରଷ୍ଟ ସଭାପତି ରାକେଶ କୁମାର ପଟ୍ଟନାୟକ, ବିଶିଷ୍ଟ ବ୍ୟବସାୟୀ ନରେଶ ଚନ୍ଦ୍ର ଭଟ୍ଟ, ପାରାଦୀପ ବଣିକ ସଙ୍ଘ ଉପସଭାପତି ପ୍ରୀତି ରଞ୍ଜନ ମହାପାତ୍ର, ସାମ୍ବାଦିକ ଶଶାଙ୍କ ଆଚାର୍ଯ୍ୟ, ସୁଧାଂଶୁ ନାୟକ, ବିବେକାନନ୍ଦ ରାଉତ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହ ଆତ୍ମାର ସଦଗତି ନିମନ୍ତେ କାମନା କରିଛନ୍ତି । ଆସନ୍ତା ୨୭ ତାରିଖ ବୁଧବାର ଦିନ ଏକାଦଶାହ କର୍ମ ସହ କୋଠି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ମୃତି ସଭା ସହ ସନ୍ଧ୍ୟାରେ ପଂକ୍ତି ଭୋଜନର ବ୍ୟବସ୍ଥା କରାଯାଇଛି । ଏଥିରେ ସମସ୍ତେ ସାମିଲ ହେବା ପାଇଁ ଲକ୍ଷ୍ମୀଧର ସାହୁ ସ୍ମୃତି କମିଟି ପକ୍ଷରୁ ଅନୁରୋଧ କରାଯାଇଛି ।

## କାଦପାଣିରେ ପେସା ଗ୍ରାମସଭା ପ୍ରତିଷ୍ଠା ଦିବସ ପାଳିତ

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ହାତିଗୋଡ଼ା ଗ୍ରାମପଞ୍ଚାୟତର କାଦପାଣି ଗ୍ରାମ ୬ ନମ୍ବର ୱାର୍ଡରେ ଆଜି କାଦପାଣି




ପେସା ଗ୍ରାମସଭାର ଚତୁର୍ଥ ପ୍ରତିଷ୍ଠା ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । ଏହି ଅବସରରେ ଗ୍ରାମବାସୀ, ପେସା କର୍ମୀ, ବିଭିନ୍ନ ଗ୍ରାମର ମୁଖିଆ ଏବଂ ଅଞ୍ଚଳର ଜନପ୍ରତିନିଧିମାନେ ବୃହତ୍ ସଂଖ୍ୟାରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଗ୍ରାମର ପୂଜକ ଚାମ୍ପାଇ ବାନାରା ପେସା ଆଇନ ସୂଚିତ ପଥର ନିକଟରେ ପୂଜା ଅର୍ଚ୍ଚନା କରି ଗ୍ରାମର ଶାନ୍ତି, ଏକତା ଓ ଉନ୍ନତି କାମନା କରିଥିଲେ । ପାରମ୍ପରିକ ରୀତିନୀତି ସହ ଆୟୋଜିତ ଏହି ପୂଜା ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ମାର୍ଶାଲ ଦେଓଗାମଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପେସା ଡିଷ୍ଟ୍ରିକ୍ଟ କାଉନସିଲ ମୟୂରଭଞ୍ଜର ସମ୍ପାଦକ ଶ୍ରୀଧର ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସଭାରେ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ମୟୂରଭଞ୍ଜ ଜିଲ୍ଲା କୋର୍ଡିନେଟର ସୁରେଶ ହେମ୍ବ୍ରମ ପେସା ଆଇନର ମୂଳ ଉଦ୍ଦେଶ୍ୟ, ଗ୍ରାମସଭାର ଭୂମିକା, ଜଳ-ଜଙ୍ଗଲ-ଜମି ଉପରେ ଆଦିବାସୀଙ୍କ ଅଧିକାର ଏବଂ ସମ୍ବିଧାନ ପ୍ରଦତ୍ତ ସୁବିଧା ବିଷୟରେ ଉପସ୍ଥିତ ଲୋକମାନଙ୍କୁ ବିସ୍ତୃତ ଭାବରେ ଅବଗତ କରାଇଥିଲେ । ସେ କହିଥିଲେ ଯେ ପେସା ଆଇନକୁ ସଠିକ ଭାବେ କାର୍ଯ୍ୟକରୀ କରାଯାଇଲେ ଆଦିବାସୀ ସମାଜ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଭାବେ ଅଧିକ ସଶକ୍ତ ହୋଇପାରିବ । ମୁଖ୍ୟ ଅତିଥି ଶ୍ରୀଧର ମୁର୍ମୁ ତାଙ୍କ ଅଭିଭାଷଣରେ କହିଥିଲେ ଯେ ପେସା ଆଇନ ହେଉଛି ଆଦିବାସୀ ସମାଜର ରକ୍ଷା କବଚ । ଏହା ଗ୍ରାମସଭାକୁ ସଶକ୍ତ କରିବା ସହ ଗ୍ରାମର ଉନ୍ନତି ଓ ସ୍ୱୟଂଶାସନକୁ ଆଗକୁ ନେଇଥାଏ । ସେ ସମସ୍ତଙ୍କୁ ପେସା ଆଇନ ସମ୍ପର୍କରେ ସଚେତନ ହୋଇ ନିଜ ଅଧିକାର ସୁରକ୍ଷା ପାଇଁ ଏକତାବଦ୍ଧ ହେବାକୁ ଆହ୍ୱାନ କରିଥିଲେ । ଏହି ସଭାରେ ପେସା ଡିଷ୍ଟ୍ରିକ୍ଟ କାଉନସିଲର ଉପସଭାପତି ରାମଚନ୍ଦ୍ର ହେମ୍ବ୍ରମ, ସହ ସମ୍ପାଦକ ସୁନ୍ଦର ଟୁଡୁ, କାଦପାଣି ପେସା ଗ୍ରାମସଭାର ସଭାପତି ଦଖଲ ସିଂ ବାନାରା, ସମ୍ପାଦକ ରାଜେନ୍ଦ୍ର ଦେଓଗାମ, ଗଜେନ୍ଦ୍ର ଦେଓଗାମ ପ୍ରମୁଖ ଉପସ୍ଥିତ ଥିଲେ । ଏହାସହ ହାତିଗୋଡ଼ା ଗ୍ରାମପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର, ବିଭିନ୍ନ ଗ୍ରାମର ମୁଖିଆ ଏବଂ ବହୁ ସଂଖ୍ୟକ ଗ୍ରାମବାସୀ କାର୍ଯ୍ୟକ୍ରମରେ ଯୋଗଦେଇ ପେସା ଆଇନ ସମ୍ପର୍କିତ ଜ୍ଞାନ ଅର୍ଜନ କରିଥିଲେ । ଶେଷରେ ନିରଞ୍ଜନ ଦେଓଗାମ ଧନ୍ୟବାଦ ଜ୍ଞାପନ କରିଥିଲେ ଏବଂ ସଭା ସମାପ୍ତ ହୋଇଥିଲା ।

# ସରକାରୀ ବସ୍‌ଷ୍ଟାଣ୍ଟ୍‌କୁ ସରକାରୀ ବସ୍ ମନା

ଗଜପତି, (ମହାଭାରତ): ସରକାରୀ ବସ୍‌ଷ୍ଟାଣ୍ଡ୍‌କୁ ସରକାରୀ ବସ୍ ମନା। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ ପାରଳାଖେମୁଣ୍ଡି ସରକାରୀ ବସ୍‌ଷ୍ଟାଣ୍ଡରୁ ଏହି ଚିତ୍ର ସାମ୍ନାକୁ ଆସିଛି । ସରକାରୀ ବସ୍ ଆସିବା ଏବଂ ଟିକଟ୍ କାଉଣ୍ଟର ଖୋଲିବା ସକାଶେ ସତେ ଯେମିତି ମନା କରାଯାଇଛି। କାହିଁକି ଏଭଳି ଅବସ୍ଥା ଏବଂ କାହା ପାଇଁ କର୍ମଚାରୀ ଓ ଯାତ୍ରୀ ଉଭୟ ହଇରାଣ ହରକତ ହେଉଛନ୍ତି, ସେ ସମ୍ପର୍କରେ ଜିଲ୍ଲାପାଳ ତଦାରଖ କରନ୍ତୁ ବୋଲି ଦାବି ହୋଇଛି। ଗଜପତି ଜିଲ୍ଲାରୁ ବିଭିନ୍ନ ଦିଗକୁ ଓଡ଼ିଶା ରାଜ୍ୟ ପରିବହନ ବିଭାଗର ୧୧ରୁ ଅଧିକ ବସ୍ ଚଳାଚଳ କରୁଛି । ହେଲେ, ସରକାରୀ ବସ୍ ଟିକଟ୍ କାଉଣ୍ଟର୍ ନାହିଁ। କିଭଳି, ବର୍ଷ ବର୍ଷ ଧରି ସରକାରୀ ବସ୍ ଚଳାଚଳ କରୁଛି, ଆଶ୍ଚର୍ଯ୍ୟର କଥା। ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ୩୬ଟି ବସ୍ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପଞ୍ଚାୟତରେ ଚଳାଚଳ କରୁଛି। ସେଥିମଧ୍ୟରୁ ୪ଟି 'ମୋ ବସ୍' ପାରଳାଖେମୁଣ୍ଡି ସହର




ଦେଇ ଯାତାୟାତ କରୁଛି। ହେଲେ, ଏହି ବସ୍‌ଗୁଡ଼ିକୁ ପାରଳାଖେମୁଣ୍ଡି ସରକାରୀ ବସ୍‌ଷ୍ଟାଣ୍ଡରେ ପ୍ରବେଶ କରିବାକୁ ଦିଆଯାଉନାହିଁ। ପୁଣି, ଏଠାରେ ଚଳାଚଳ କରୁଥିବା ବସ୍ ଗୁଡ଼ିକରେ ନିୟୋଜିତ କର୍ମଚାରୀଙ୍କ ପାଇଁ ଏକ କୋଠରି ମଧ୍ୟ ପ୍ରଦାନ କରାଯାଇନାହିଁ। ପାରଳାଖେମୁଣ୍ଡି ପୌର ପରିଷଦ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି ଏହି ବସ୍‌ଷ୍ଟାଣ୍ଡ ସରକାରୀ ଗାଡ଼ି, ସରକାରୀ ଜାଗା। ହେଲେ ଏଠି ବାସନ୍ଦ ହୋଇଛି ସରକାରୀ ବସ୍। ବସ ଷ୍ଟାଣ୍ଡ ଠାରୁ କିଛି ଦୂରରେ ରାସ୍ତାକଡ଼େର ଠିଆ ହୋଇ 'ମୋ ବସ୍'କୁ ଅପେକ୍ଷା କରୁଛନ୍ତି ଯାତ୍ରୀ । ଗ୍ରୀଷ୍ମର ପ୍ରଚଣ୍ଡ ଖରାରେ ପିଲାଛୁଆ, ଜିନିଷପତ୍ର ଧରି ରାସ୍ତାକଡ଼େର ଠିଆ ହେବା କିଭଳି ଯେ କଷ୍ଟକର ତାହା କେବଳ ଜଣେ ଏଠାକାର ବ୍ୟବସ୍ଥାକୁ ଦେଖିଲେ ମନେ ହେଉଛି ସରକାରୀ ବସ୍‌ଷ୍ଟାଣ୍ଡକୁ ଘରୋଇ ବସ୍ ମାଲିକମାନଙ୍କୁ ଯେମିତି ଉତ୍ସର୍ଗ କରାଯାଇଛି। ଏହା ଉପରେ ପ୍ରଶାସନର କୌଣସି ନିୟନ୍ତ୍ରଣ ତ ଦୂରର କଥା ଅଧିକାର ହିଁ ନାହିଁ କହିଲେ ଚଳେ ଘରୋଇ ବସ୍ ପ୍ରତି ଏତେ ଅନୁକମ୍ପା ଯେ ପରିଣାମସ୍ୱରୂପ ସରକାରୀ ବସ୍ ସେବାକୁ ବଳି ଦିଆଯାଉଛି। ଏନେଇ ବାରମ୍ବାର ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନର ସହଯୋଗ ଲୋଡ଼ାଯାଇଛି। ଜିଲ୍ଲା ସଡ଼କ ସୁରକ୍ଷା ବୈଠକରେ ବାରମ୍ବାର ଅଭିଯୋଗ ହୋଇଛି ! କିନ୍ତୁ, ଏହି ସମସ୍ୟାର ସମାଧାନ ହେଉନାହିଁ। ଏନେଇ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରସନ୍ନ କୁମାର ଦାସ ଓ ପୌରପରିଷଦ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁଙ୍କୁ ଗଣମାଧ୍ୟମ ପଚାରିବାରୁ ଯଥାଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି। କିନ୍ତୁ, କେବେ, ତାହା ସମୟ ହିଁ କହିବା

## ମହିଳାଙ୍କୁ ବଳାତ୍କାର ଘଟଣା, ଅନ୍ତରୀଣ ସୁରକ୍ଷା ସହ ପୋଲିସକୁ ରିପୋର୍ଟ ମାଗିଲେ ହାଇକୋର୍ଟ

ହାଟଡିହି, (ମହାଭାରତ) : କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅଞ୍ଚଳରେ ଦୁଇ ସନ୍ତାନର ମହିଳାଙ୍କୁ ତାମିଲନାଡୁ ନେଇ ବଳାତ୍କାର କରାଯାଇଥିବା ଅଭିଯୋଗର ଜାମିନ ଆବେଦନ ଶୁଣାଣି ଚଳିତ ମାସ ଗତ ୨୧ ମେ ୨୦୨୬ ରେ ମାନ୍ୟବର ଓଡିଶା ହାଇକୋର୍ଟଙ୍କ ଠାରେ ହୋଇଥିଲା । ଦୁଇ ଅଭିଯୁକ୍ତଙ୍କୁ ଓଡିଶା ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିବା ସହ ପୋଲିସକୁ ଘଟଣା ସମ୍ପର୍କିତ ବିଭିନ୍ନ ରିପୋର୍ଟ ମାଗିଛନ୍ତି । ଆସନ୍ତା ୧୩ ଜୁଲାଇ ୨୦୨୬ ରେ ପରବର୍ତ୍ତୀ ଶୁଣାଣି ହେବାକୁ ତାରିଖ ଧାର୍ଯ୍ୟ ହୋଇଛି । ତେବେ ପରବର୍ତ୍ତୀ ଶୁଣାଣି ତାରିଖ ପର୍ଯ୍ୟନ୍ତ ଦୁଇ ଅଭିଯୁକ୍ତ ନକୁଳ ଚରଣ ଦାସ ଏବଂ ହିମାଂଶୁ ଶେଖର ଦାସଙ୍କୁ ହେପାଜତକୁ ନିଆଯିବନି ବୋଲି ନିର୍ଦ୍ଦେଶ ମଧ୍ୟ ଜାରି ହୋଇଛି । ବିଏଲଏପିଏଲ ନଂ ୫୪୮୯/୨୦୨୬ ଏବଂ ୫୫୫୨/ ୨୦୨୬ ଅଟେ ।

## କୁଟୁରପୁଟ ଗାଁକୁ ଯିବା ରାସ୍ତା ଅବରୋଧ



ସେମିଲିଗୁଡା, (ମହାଭାରତ) : କୋରାପୁଟ ଜିଲ୍ଲା ସେମିଲିଗୁଡା ବ୍ଲକ ରାଜପୁଟ ଗ୍ରାମପଞ୍ଚାୟତ ଅଧିନରେ ଥିବା କୁଟୁରପୁଟ ଗ୍ରାମର ରାସ୍ତା ବାରମ୍ବାର ଅବରୋଧ କରୁଥିବା ନେଇ ଆଜି ବୁଧବାର ଗ୍ରାମବାସୀ ଏକତ୍ରିତ ହୋଇ ସେମିଲିଗୁଡା ତହସିଲଦାର କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇ ତୋହସିଲ ଦାରୋଙ୍କୁ ଲିଖିତ ଅଭିଯୋଗରେ ପଡୋଶୀ ପାତ୍ର ପୁଟ ଗ୍ରାମର ପାଞ୍ଚ ଜଣଙ୍କ ନାମରେ ରାସ୍ତା ଅବରୋଧ ଅଭିଯୋଗକୁ ନେଇ ଲିଖିତ ଅଭିଯୋଗ ଦେଇଥିଲେ ।ପୂର୍ବ ଥର ମଧ୍ୟ ଏହି ରାସ୍ତା ଅବରୋଧ କରିଥିବା ଗ୍ରାମ ବାସି ତହସିଲଦାରଙ୍କୁ ଅବଗତ କରିଥିଲେ । ସମସ୍ୟାକୁ ଗମ୍ଭୀରରେ ତୋହସିଲଦାର ଦେବବ୍ରତ କୋରାଡି ନେବା ସହ ସେମିଲିଗୁଡା ଥାନା ଅଧିକାରିଣୀଙ୍କୁ, ଏବଂ ଆର ଡି ଯନ୍ତ୍ରୀକୁ ଏହି ବାବଦରେ ସୂଚନା ଦେଇ ଅବରୋଧ ହୋଟେଇବା ପାଇଁ କହିଥିଲେ ।ଏବଂ କୁଟୁରପୁଟ ଗ୍ରାମ ବାସୀଙ୍କ ରାସ୍ତାରେ ଥିବା ମାଟି ଉଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।ଏହି ଅଭିଯୋଗ କାରିଙ୍କ ମଧ୍ୟରେ କୁଟୁରପୁଟ ଗ୍ରାମର ସାନିଆ ନାୟକ, ରବି ଗମାଙ୍ଗ, ସାନିଆ କୁଟୁରୁ, କର୍ଣ୍ଣ ନାୟକ, ଆଡୁ ଗମାଙ୍ଗ, ରାମଚନ୍ଦ୍ର କୁଟୁରୁ, ନିଧି କୁଟୁରୁ, କୈଳାଶ ଜୟପୁରିଆ, ଜଗନ୍ନାଥ ଗୁଣ୍ଠା, ସାନାଦେଇ କୁଟୁରୁ, ସୁମି ନାୟକ, ଅନିତା ନାୟକ, ନମତି ନାୟକ ଉପସ୍ଥିତ ଥିଲେ ।

## ଜନବସତି ମଝିରେ ବର୍ଯ୍ୟ ପାଉଁଶ ଚିନ୍ତାରେ ଗ୍ରାମବାସୀ

କଳିଙ୍ଗନଗର, (ମହାଭାରତ) : ଦାନଗଦି ବ୍ଲକ ଅନ୍ତର୍ଗତ ଧୁଳିଗଡ ପଞ୍ଚାୟତ ର ମାନ ଗୋବିନ୍ଦପୁର ଗ୍ରାମ ନିକଟରେ ପାଉଁଶ ଗଚ୍ଛିତ କରି ରାତି ଅଧିଆ ବିକ୍ରି ନିମନ୍ତେ ଗଚ୍ଛିତ କରି ରଖାଯାଇଛି । କିଏ ପୋତୁଚି ପୁଣି ରାତି ଅଧିଆ ବିକ୍ରି କରୁଛି କାହା ସାହସରେ ବିନା ଅନୁମତିରେ ଜନ ବସତି ଓ ବିଦ୍ୟାଳୟ ପାଖରେ ହେଉଛି। ବାୟୁ ପ୍ରଦୂଷଣ ନିମନ୍ତେ ବାରମ୍ବାର ଗଣ ମାଧ୍ୟମରେ ପ୍ରକାଶ ପାଇଥିଲେ ମଧ୍ୟ କିଛି ମାଫିଆ ପାଉଁଶ ଗଦା କରି ରାତି ଅଧିଆ ବିକ୍ରି କରି ମାଲେ ମାଲ ହୋଉଥିବା ବେଳେ ଜନସାଧାରଣ ବାୟୁ ପ୍ରଦୂଷଣ ରେ ବିଭିନ୍ୟ ରୋଗରେ ପଡ଼ି



ମୃତୁ ବରଣ କରୁଛନ୍ତି । କିଛି ଦିନ ତଳେ ସୁଆଁଳ ଗ୍ରାମରେ ବାୟୁ ପ୍ରଦୂଷଣରେ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ବିଭିନ୍ନ ରୋଗରେ ମୃତୁ ହୋଇଥିବା ବେଳେ କିପରି ମାନ ଗୋବିନ୍ଦ ପୁର ଗ୍ରାମରେ ପାଉଁଶ ଗଦା ହୋଇଛି କାହା ପରାମର୍ଶରେ ହୋଇଛି ତାହା ବାୟୁ ପ୍ରଦୂଷଣ ବୋର୍ଡ ପାଖରେ ଖବର ନାହିଁ ।

## ଗ୍ରାମାଞ୍ଚଳ ରାସ୍ତା ଏବେ ଭାରୀଯାନ କବ୍ଜାରେ

ଅସ୍ତରଙ୍ଗ, (ମହାଭାରତ) : ଅସ୍ତରଙ୍ଗ ଅଞ୍ଚଳ ଏବେ ଭାରୀଯାନ କବ୍ଜା ରେ, ପ୍ରଥମତଃ କହିବା ସରକାରୀ ବସ ଗ୍ରାମାଞ୍ଚଳରେ ଯାତ୍ରୀଙ୍କ ସେବା ପାଇଁ ଉପଲବ୍ଧ ଥିଲା, କିନ୍ତୁ ବର୍ତ୍ତମାନ ପଥର, ବାଲି ବୋଝେଇ ହାଇୱା ଟ୍ରକ ଧାଡିକୁ ଧାଡି, ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ହେଉ କି ଗ୍ରାମ୍ୟଉନ୍ନୟନ ବିଭାଗ ର ଗ୍ରାମାଞ୍ଚଳ ରାସ୍ତା ବର୍ତ୍ତମାନ ଏହି ହାଇୱା ଟ୍ରକଙ୍କ କବ୍ଜାରେ, ଯେଉଁଥିରେ ପ୍ରଦୂଷଣର ଶିକାର ହେଉଛନ୍ତି ଅଞ୍ଚଳବାସୀ ତା ସହ କୌଣସି ଜରୁରୀ କାଳୀନ ପରିସ୍ଥିତି ରେ କିଏ ହାଟ ବଜାର ଯିବାକୁ ଚାହୁଁଛନ୍ତି ସେମାନେ ରାସ୍ତା ଉପରେ ଘଣ୍ଟା ଘଣ୍ଟା ଧରି ଅଟକି ରହୁଛନ୍ତି, ପ୍ରଥମ ଜାଣିବାକୁ ପଡିବ ବଡ଼ ବଡ଼ ହାଇୱା ଯେଉଁ ପଥର ଆଉ ବାଲି ନେଇ ଗ୍ରାମାଞ୍ଚଳ ଭିତରେ ପ୍ରବେଶ କରୁଛନ୍ତି ପ୍ରକୃତ ରେ ଏହା ଆଇନଗତ କି ନୁହେଁ, ସେମାନଙ୍କ କାଗଜପତ୍ର ଠିକ ଅଛି କି ନାହିଁ ମାତ୍ର ସେତିକି କରାଯାଉନାହିଁ କିନ୍ତୁ ଯଦି କେହି କୌଣସି କାମରେ ଛକ ବଜାରକୁ ଆସୁଛନ୍ତି ବାଇକଟେ ଧରି, ସେମାନଙ୍କର ଯଦି ହେଲମେଟ ନାହିଁ ତାହେଲେ କଟୁଛି ଚାଲାଣ, ସାଧାରଣରେ କହିବାକୁ ଗଲେ ଯଦି ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ କି ଦମକଳ ବାହିନୀ ଗାଡି ଯାଉଛି ତାହେଲେ ସେମାନେ ଏହି ଭାରିଯାନଙ୍କ ପାଇଁ ଘଟଣା ସ୍ଥଳରେ ପହଞ୍ଚିପାରିବେନି ପରୋକ୍ଷରେ ଏଥିପାଇଁ ସରକାର ବଦନାମ ହେବାକୁ ଯିବେ, ଛୋଟ ଛୋଟ ଘଟଣା ସରକାରଙ୍କ ନିର୍ଦ୍ଦେଶ ପଛରେ ଘଟୁଛି ମାତ୍ର ସ୍ଥାନୀୟ ପ୍ରଶାସନ ଅଧିକାରୀ ମାନେ ଏହାକୁ ଅଣଦେଖା କରୁଛନ୍ତି, ଗୋଟେ ପଟେ ସାଧାରଣ ଜନତା ଏହି ସମସ୍ୟାରେ ପୀଡା ଭୋଗୁଥିବା ବେଳେ ପ୍ରଶାସନ ଚିର ନିଦ୍ରାରେ, ଯଦି ଗ୍ରାମାଞ୍ଚଳ ରାସ୍ତା ରେ ଅନବରତ ଭାବେ ଏହିପରି ହାଇୱା ଗଡିବ ତେବେ ଯଦି କୌଣସି ଦୁର୍ଘଟଣା ହୁଏ ସେଥିପାଇଁ ଦାୟୀ କିଏ ରହିବ, ଗୋଟେ ପଟେ ସରକାରଙ୍କ ଆହ୍ୱାନ ଗାଁରେ ଗଳି ଗଳିକୁ ପକ୍କା ସଡ଼କ ନିର୍ମାଣ ମାତ୍ର ଏହି ଗାଡି ଗୁଡିକରେ ପ୍ରଭାବରେ ସମସ୍ତ ରାସ୍ତା ଢ଼ଳେଇ ଫାଟିବା ସହ ପ୍ରତ୍ୟେକ ରାସ୍ତା ଏବେ ଜରାଜୀର୍ଣ୍ଣ ଅବସ୍ଥା ରେ, ଗୋଟେ ପଟେ ସରକାରଙ୍କ ରାଜସ୍ୱ ହାନି ଅନ୍ୟ ପଟେ ସାଧାରଣରେ ପୀଡା, ଯଦି ଆଞ୍ଚଳିକ ପରିବହନ ବିଭାଗ ତରଫରୁ ଏହି ସମସ୍ୟାକୁ ଗୁରୁତ୍ୱ ଦିଆଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ତାହେଲେ ଏହି ସମସ୍ୟା ଉପରେ ନିଶ୍ଚିନ୍ତ ରୋକ ଲାଗି ପାରିବ ବୋଲି ବୁଦ୍ଧିଜୀବୀ ମାନେ କହୁଛନ୍ତି, ସଂକୀର୍ଣ୍ଣ ରାସ୍ତାରେ ଯେତେବେଳେ ମୁହାଁ ମୁହିଁ ହେଉଛନ୍ତି ଏହି ହାଇୱା ତାହେଲେ ବାସ୍ତବରେ ଯାତ୍ରୀ ମାନଙ୍କ ପୀଡା ଅସହ୍ୟ ହେଇଯାଉଛି ।

## ରାସ୍ତା କାମରେ ଅନିୟମିତତା ଅଭିଯୋଗ, ଠିକାଦାରଙ୍କୁ ଘଣ୍ଟ ଘୋଡ଼ାଉଛି କିଏ ?



ଲକ୍ଷ୍ମୀପୁର, (ମହାଭାରତ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କେଲ୍ଲାର ଛକରୁ ମୌଲକୋନା ପର୍ଯ୍ୟନ୍ତ ଚାଲିଥିବା ରାସ୍ତା ନିର୍ମାଣ କାମକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ରଅସନ୍ତୋଷ ଦେଖାଦେଇଛି। ରାସ୍ତା ସହ ବ୍ରିଜ ଓ ସୁରକ୍ଷା ପ୍ରାଚୀର ନିର୍ମାଣରେ ଗୁରୁତର ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପ୍ରାୟ ଦୁଇ ବର୍ଷ ତଳେ ଆରଡ଼ି ବିଭାଗ ପକ୍ଷରୁ ଏହି ରାସ୍ତା କାମ ଆରମ୍ଭ ହୋଇଥିଲା। ହେଲେ କାମ ଆଗକୁ ବଢ଼ିବା ସହ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ଓ ନିୟମକୁ ଅଣଦେଖା କରାଯାଉଥିବା ନେଇ ଅଭିଯୋଗ ବଢ଼ିଛି। ବିଶେଷକରି ବ୍ରିଜ ନିର୍ମାଣ ଏବଂ ୱାଲ ବଦଳରେ କଂକ୍ରିଟ ପେଚ୍ ଦେଇ କାମ କରାଯାଉଥିବା ଦୃଶ୍ୟକୁ ନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ସ୍ଥାନୀୟ ଯୁବକମାନେ ଏହି ସମସ୍ୟା ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ ସେମାନଙ୍କ ଅଭିଯୋଗର କୌଣସି ଶୁଣାଣି ହୋଇନଥିବା କହିଛନ୍ତି। ଫଳରେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ପଛରେ କାହାର ସୁରକ୍ଷା କବଚ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସରକାରୀ ଅର୍ଥରେ ହେଉଥିବା ବିକାଶ କାମରେ ଯଦି ଏଭଳି ଅନିୟମିତତା ହୁଏ, ତେବେ ଏହା ସାଧାରଣ ଲୋକଙ୍କ ବିଶ୍ୱାସ ଉପରେ ସିଧାସଳଖ ଆଘାତ ବୋଲି ଗ୍ରାମବାସୀ କହିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

# ବିଷମକଟକ ରେଳ ଷ୍ଟେସନରେ ଦ୍ରୁତଗାମୀ ଟ୍ରେନ ରହଣି ଦାବି; ଜୁନ୍ ୧୫ରେ ରେଳ ରୋକ ଚେତାବନୀ

ବିଷମକଟକ, (ମହାଭାରତ) : ବିଷମକଟକ ରେଳ ଷ୍ଟେସନରେ ବିଭିନ୍ନ ଦ୍ରୁତଗାମୀ ଟ୍ରେନ ରହଣି ଏବଂ ନୂତନ ରେଳ ଲାଇନ ସଂଯୋଗୀକରଣ ଦାବିରେ ସ୍ଥାନୀୟ ନାଗରିକ ମଞ୍ଚ ତରଫରୁ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆସନ୍ତା ଜୁନ୍ ୧୫ ତାରିଖ ସୁଦ୍ଧା ଏହି ଦାବି ପୂରଣ ନହେଲେ ରେଳ ରୋକ ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ନାଗରିକ ମଞ୍ଚର ଦାବି ଅନୁଯାୟୀ, କୋରାପୁଟ-ପୁରୀ



ଏକ୍ସପ୍ରେସ (ଟ୍ରେନ ନଂ- ୧୮୪ଗଉ), କୋରବା ଏକ୍ସପ୍ରେସ (ଟ୍ରେନ ନଂ- ୧୮୫୧୫), ସମତା ଏକ୍ସପ୍ରେସ (ଟ୍ରେନ ନଂ-୧୨୮୦୮) ଏବଂ ସମଲେଶ୍ୱରୀ ଏକ୍ସପ୍ରେସ (ଟ୍ରେନ ନଂ-୧୮୦୦୫) ଭଳି ଗୁରୁତ୍ୱପୂର୍ଣ୍ଣ ଦ୍ରୁତଗାମୀ ଟ୍ରେନଗୁଡ଼ିକର ବିଷମକଟକ ଷ୍ଟେସନରେ ରହଣି ନିହାତି ଜରୁରୀ। ଏହା ସହିତ ପ୍ରସ୍ତାବିତ ନୂତନ ଗୋପାଳପୁର-ରାୟଗଡ଼ା ରେଳ ଲାଇନକୁ ରାୟଗଡ଼ା ବଦଳରେ ବିଷମକଟକ କିମ୍ବା ମୁନିଗୁଡ଼ା ଠାରେ ସଂଯୋଗ କରିବା ପାଇଁ ମଞ୍ଚ ଦୃଢ଼ ଦାବି କରିଛି। ସ୍ଥାନୀୟ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଯଦି ଆସନ୍ତା ଜୁନ୍ ୧୫ ତାରିଖ ମଧ୍ୟରେ ଏହି ଦାବିଗୁଡ଼ିକ ଉପରେ କୌଣସି ସକାରାତ୍ମକ ପଦକ୍ଷେପ ନିଆନଯାଏ, ତେବେ ବିଷମକଟକ ରେଳ ଷ୍ଟେସନରେ ରେଳ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ନାଗରିକ ମଞ୍ଚ ସ୍ପଷ୍ଟ କରିଛି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ ନାଗରିକ ମଞ୍ଚ ସଭାପତି ଗୋପାଳ କୃଷ୍ଣ ପଟ୍ଟନାୟକ, ମକରଧ୍ୱଜ ଉତ୍ତରାସିଲି, ବାବୁଜୀ ପଟ୍ଟନାୟକ, ଦେବୀ ପ୍ରସାଦ ପଟ୍ଟନାୟକ, ଡି. ଶିବା, ବଡ଼ ଗୌଡ଼, ପି. ଅନିଲ, ପ୍ରଶାନ୍ତ ପାତ୍ର, ଗଙ୍ଗା କୁଶୁଲିଆ, ରୋମଶ ବାବୁଲା, ଗୁଡୁଲା ଚିନି, ଦିଲିପ ପଡିଆରୀ, ଶିବ ନରେନ୍ଦ୍ର, ଡି. ଆଶୁ, ଶେଖ୍ ୟାସିନ୍, ବାବୁନି ପଟନାୟକ, ବି.ସିମାଞ୍ଚଳ, ଡି.ଶ୍ରୀନିବାସ, ଜଗନ୍ନାଥ ଦାସଙ୍କ ସମେତ ଅଞ୍ଚଳର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ଗଞ୍ଜାମ ଜିଲ୍ଲାକୁ ମିଳିଲା ଦୁଇଟି ରାଜ୍ୟପାଳ ଆୱାର୍ଡ

ଆସିକା(ମହାଭାରତ) :ଓଡିଶା ଲୋକଭବନ ନୂଆ ଅଭିଷେକ ହଲରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସମାନଙ୍କ ରାଜ୍ୟ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭବପତି, ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ଓଡ଼ିଶା ରାଜ୍ୟ ମୁଖ୍ୟ କମିଶନର କାଳୀ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡ଼ିଶା ରାଜ୍ୟ ମୁଖ୍ୟ କମିଶନର କାଳୀ ପ୍ରସାଦ ମିଶ୍ରସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ଗଞ୍ଜାମ



ଜିଲ୍ଲାର ଚଳିତ ବର୍ଷ ରାଜ୍ୟପାଳ ପୁରସ୍କାର ପାଇଁ ପରୀକ୍ଷା ଦେଇଥିବା ୧୨୦୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଥିଲା ବେଳେ ଚଳିତ ବର୍ଷ ଗଞ୍ଜାମ ଜିଲ୍ଲା ଭାରତ ସ୍କାଉଟ ଏବଂ ଗାଇଡ଼ ମାନେ ଯେପରିକି ବୃକ୍ଷ ରୋପଣ, ସଡ଼କ ସୁରକ୍ଷା ସପ୍ତାହ ପାଳନ, ଗ୍ରୀଷ୍ମ ଦିନରେ ପଣା ବଣ୍ଟନ ଏହିପରି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ସାରା ରାଜ୍ୟରେ ଏକ ନିଜର ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ସହ ରାଜ୍ୟ ଭାରତ ସ୍କାଉଟ ଗାଇଡ଼ ପକ୍ଷରୁ ଓଡ଼ିଶାର ନଅ ଟି ଜିଲ୍ଲାକୁ ବିଭିନ୍ନ କାର୍ଯ୍ୟକ୍ରମ କରିଥିବା ଯୋଗୁଁ ପୁରସ୍କୃତ କରିଥିଲା ବେଳେ ଗଞ୍ଜାମ ଜିଲ୍ଲାକୁ ଶ୍ରେଷ୍ଠ କେମ୍ପୋରୀ ଆୟୋଜନ କରିବା ଓ ସାରା ରାଜ୍ୟରେ ଅଧିକ ସଂଖ୍ୟକ ସ୍କାଉଟ ଓ ଗାଇଡ଼ ପରୀକ୍ଷାର୍ଥୀ ମାନଙ୍କ ନାମ ପଞ୍ଜିକରଣ କରିଥିବା ଯୋଗୁଁ ଦୁଇଟି ରାଜ୍ୟପାଳ ଆୱାର୍ଡ ପ୍ରଦାନ କରାଯାଇଛି। ଏହି ପୁରସ୍କାର ଗ୍ରହଣ କରିବା ପାଇଁ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଣି ଡ଼ ପ୍ରଭାତୀ କୁମାରୀ ମହାପାତ୍ର ଓ ଜିଲ୍ଲା ସମ୍ପାଦକ ଭାଗିରଥି ସ୍ୱାଇଁ ଉପସ୍ଥିତ ରହି ରାଜ୍ୟପାଳଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ଼ ମୁଖ୍ୟ ପୃଷ୍ଠପୋଷକ ଭାବରେ ରାଜ୍ୟପାଳ ଓଡ଼ିଶାରେ ୪ ଲକ୍ଷରୁ ଅଧିକ ସ୍କାଉଟ ଏବଂ ଗାଇଡ ସମେତ ଦେଶବ୍ୟାପୀ ସଙ୍ଗଠନର ୭.୫ ନିୟୁତରୁ ଅଧିକ ସଦସ୍ୟଙ୍କର ଅବଦାନକୁ ଏବଂ ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କୁ ଅଭିନନ୍ଦନ ଜଣାଇବା ସହିତ ଯୁବ କୃତିତ୍ୱ ହାସଲକାରୀଙ୍କୁ ମାର୍ଗଦର୍ଶନ ଏବଂ ପ୍ରେରଣା ଦେବା ପାଇଁ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ୟୁନିଟ୍ ଲିଡ଼ର ଏବଂ ଅଧିକାରୀମାନଙ୍କ ଭୂମିକାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।

## ଭବାନୀପାଟଣା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ୨ କଳାର ଚମତ୍କାର ସଫଳତା

ଲାଞ୍ଜିଗଡ,(ମହାଭାରତ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ସିଏଚଏସଇ ଦ୍ୱାଦଶ ପରୀକ୍ଷାରେ ଚମତ୍କାର ସଫଳତା ହାସଲ କରିଛନ୍ତି ।ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଭବାନୀପାଟଣା ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଦ୍ୱାଦଶ ଶ୍ରେଣୀ ର ଛାତ୍ର ଛାତ୍ରୀ ମାନଙ୍କର ରେକର୍ଡ ସୃଷ୍ଟିକାରୀ ସଫଳତା ପାରିପାର୍ଶ୍ୱିକ ଅଞ୍ଚଳରେ ଚହଳ ସୃଷ୍ଟି କରିଛି । ୨୦/୦୫ ରିଖ (ବୁଧବାର) ଦିନ ସିଏଚଏସଇ ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷାର ଫଳାଫଳ ପ୍ରକାଶ ହେବା ମାତ୍ରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ,ଓ ଅଭିଭାବକ ମନରେ ଆନନ୍ଦ ର ଲହରୀ ଖେଳି ଯାଇଛି ।ସିଏଚଏସଇ ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ବିଦ୍ୟାଳୟର ମୋଟ ସମୁଦାୟ ୩୮୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ।ସେଥିମଧ୍ୟରୁ ଛାତ୍ର , ବିଷ୍ଣୁ ହରିଜନ ୮୯. ୫ ଶତକଡା (୫୩୭) ମାର୍କ ରଖି ପ୍ରଥମ ସ୍ଥାନ ରଖିଥିବା ବେଳେ ଛାତ୍ରୀ ଅମ୍ବିକା ରଣା ୮୮.୧ ଶତକଡା (୫୨୯) ମାର୍କ ରଖି ଦ୍ୱିତୀୟ ସ୍ଥାନ ଓ ଛାତ୍ରୀ ରଞ୍ଜିତା ଭୋଇ ୮୭.୫ ଶତକଡା (୫୨୫) ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଚାନକ ପରିଦର୍ଶନ କଲେ ପାରଳା ବିଧାୟକ

ଗଜପତି: ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗରମରେ ହନ୍ତସନ୍ତ ରୋଗୀ। ହସ୍ପିଟାଲର ବିଭିନ୍ନ ୱାର୍ଡରେ ଲାଗିଥିବା ଶୀତତାପ ନିୟନ୍ତ୍ରିତ ଯନ୍ତ୍ର (ଏସି) ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ପଡି ରହିଥିବାରୁ ରୋଗୀ ଓ ରୋଗୀ ସମ୍ପର୍କୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନର ପ୍ରଚଣ୍ଡ ତାତି ମଧ୍ୟରେ ହସ୍ପିଟାଲର ବିଭିନ୍ନ ୱାର୍ଡ, ଶିଶୁ ଓ ପ୍ରସୂତୀ ବିଭାଗ ଏବଂ ଆଇସିୟୁରେ ଲାଗିଥିବା ଏସି କାମ କରୁନଥିବାରୁ ରୋଗୀଙ୍କ ଯନ୍ତ୍ରଣା ଦ୍ୱିଗୁଣିତ ହେଉଥିବା ଅଭିଯୋଗ ହେଉଛି। ଏପରି ସ୍ଥିତି ନେଇ ସ୍ଥାନୀୟ ବିଧାୟକ ଇଂ ରୁପେଶ ପାଣିଗ୍ରାହୀ ହସ୍ପିଟାଲ ପରିଦର୍ଶନ କରି ବିଭିନ୍ନ ବିଭାଗର ଅବ୍ୟବସ୍ଥା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷ କରି ଶିଶୁ ବିଭାଗ ଓ ଆଇସିୟୁରେ ଏସି ଅଚଳ ଥିବା ଦେଖି ସେ ବିରକ୍ତି ପ୍ରକାଶ କରିବା ସହ, ସଦ୍ୟଜାତ ଶିଶୁଙ୍କୁ ନିମନ୍ତେ ତୁରନ୍ତ ଶୀତତାପ ନିୟନ୍ତ୍ରିଣ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରି ସମସ୍ତ କକ୍ଷରେ ଥିବା ସମସ୍ୟାର ସମାଧାନମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ହସ୍ପିଟାଲରେ ଭର୍ତ୍ତି ଥିବା ରୋଗୀଙ୍କ ଚିକିତ୍ସା ପାଇଁ ବ୍ୟବହୃତ ବିଭିନ୍ନ କକ୍ଷରେ ଲାଗିଥିବା ଏସି ଦୀର୍ଘ ସମୟ ଧରି ଅଚଳ ରହିଥିଲେ ମଧ୍ୟ ତାହାର ମରାମତି କିମ୍ବା ରକ୍ଷଣାବେକ୍ଷଣ ହେଉନାହିଁ। ଫଳରେ ଅସହ୍ୟ ଗରମରେ ରୋଗୀମାନେ କଲବଲ ହେଉଥିବା ବେଳେ ପରିଜନମାନେ ମଧ୍ୟ ଚିନ୍ତାରେ ପଡିଛନ୍ତି। ବିଶେଷ କରି ଆଇସିୟୁ ଭଳି ସଂବେଦନଶୀଳ ବିଭାଗରେ ମଧ୍ୟ ଏସି ଅଚଳ ଥିବା ଘଟଣା ସ୍ୱାସ୍ଥ୍ୟ ସେବାର ଅବ୍ୟବସ୍ଥାକୁ ପଦାରେ ପକାଇଛି।

# ଖପ୍ରାଖୋଲ: ଭାରରେ ବୁହା ହେଲେ ଗର୍ଭବତୀ

ଧଣ୍ଡାମୁଣ୍ଡା: ବଲାଙ୍ଗୀରଜିଲ୍ଲା ଖପ୍ରାଖୋଲ ବ୍ଲକ ଘୁନୁସର୍ ପଞ୍ଚାୟତ ଚଚରାଭଟା ଗ୍ରାମର କୋଶଲପଡ଼ାର ଗର୍ଭବତୀ ମହିଳା ସୀମା ଧାରୁଆଙ୍କୁ ଗର୍ଭଜନିତ ଯନ୍ତ୍ରଣା ହେବାରୁ ଭାରରେ ଦେଢ଼ କିମି ବାଟ ବୁହା ହୋଇ ଆମ୍ବୁଲାନ୍ସକୁ ନିଆ ଯାଇଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। କାରଣ ଆମ୍ବୁଲାନ୍ସ ଗାଁକୁ ଆସିବାକୁ ରାସ୍ତା ନାହିଁ। ଖବର ମୁତାବକ ଚଚରାଭଟା ଗ୍ରାମରୁ ଜାନିପଡ଼ାରୁ ଭାୟା କୋଶଲପଡ଼ାକୁ ଯିବାକୁ ପଡ଼ିଥାଏ। ଚଚରାଭଟା ଗ୍ରାମରୁ ଜାନିପଡ଼ାକୁ କଚ୍ଚା ରାସ୍ତା ଥିବା ବେଳେ କୋଶଲପଡ଼ାକୁ ପାଦ ଚଲା ରାସ୍ତା ରହିଥିବା ଜଣାପଡିଛି।ଦୀର୍ଘ ଦିନ ହେବ ରାସ୍ତା ଖଣ୍ଡିଏ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା ମଧ୍ୟ ପ୍ରଶାସନର ଉଦାସୀନତା ଯୋଗୁଁ ଜାନିପଡ଼ା ଓ କୋଶଲପଡ଼ାକୁ ରାସ୍ତା ଖଣ୍ଡିଏ ନିର୍ମାଣ ହୋଇ ପାରୁନଥିବା ଅଭିଯୋଗ ହେଉଛି। କିଛି ବର୍ଷ ପୂର୍ବେ ରେଙ୍ଗାଲି ପଞ୍ଚାୟତ ପଟୁ କୋଶଲପଡ଼ାକୁ ମାଟି କାମ ହୋଇଥିଲେ ମଧ୍ୟ କୌଣସି କାରଣରୁ କାମ ବନ୍ଦ ହୋଇଯାଇଥିବାରୁ ଲୋକେ ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି। ଜାନୀପଡ଼ା ଓ କୋଶଲ ପଡ଼ାରେ ଶହେରୁ ଅଧିକ ଲୋକ ରହୁଥିବା ବେଳେ ସରକାରୀ ବାବୁଙ୍କ ଅବହେଳା ପାଇଁ ପଡ଼ାବାସୀମାନେ ରାସ୍ତା ଖଣ୍ଡିଏ ପାଇବାରୁ ବଞ୍ଚିତ ରହୁଛନ୍ତି । ତେଣୁ ରୋଗ ବ୍ୟାଧି ହେଉ ବା ଗର୍ଭଜନିତ ଯନ୍ତ୍ରଣା ହେଲେ ଜାନୀପଡ଼ା ପର୍ଯ୍ୟନ୍ତ ରୋଗୀକୁ ଭାର ରେ ବୋହିବାକୁ ପଡ଼େ। ତେଣୁ ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଧ୍ୟାନ ଦେଇ ଆବଶ୍ୟକୀୟ ପକ୍କା ରାସ୍ତା ଖଣ୍ଡିଏ ନିର୍ମାଣ ପାଇଁ ଦାବି ହେଉଛି।

## ରଣପୁର ବିଜେଡି ପକ୍ଷରୁ ମହିଳା ଅଧିକାର ସମାବେଶ

# ପୂର୍ବତନ ବିଧାୟକଙ୍କ ନେତୃତ୍ୱରେ ବହୁ ମହିଳା ବିଡିଓଙ୍କୁ ଦେଲେ ଦାବିପତ୍ର



ରଣପୁର,(ମହାଭାରତ) : ବିଜେପି ସରକାର ର ମହିଳା, କୃଷକ, ଯୁବ ଏବଂ ଛାତ୍ର ଙ୍କ ବିରୋଧୀ ଶାସନ ବିରୁଦ୍ଧ ରେ ରଣପୁର ମହିଳା ବିଜୁ ଜନତା ଦଳ ଦ୍ୱାରା ରଣପୁର ର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ ନେତୃତ୍ୱ ରେ ରଣପୁର ବ୍ଲକ ଘେରାଉ଼ ଗତ କିଛି ଦିନ ଧରି ସାରା ଦେଶରେ ମହିଳା ସଂରକ୍ଷଣକୁ ନେଇ ଜୋରରେ ପ୍ରଚାର ଚାଲିଛି। ପାର୍ଲାମେଣ୍ଟରୁ ଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ସବୁଆଡେ ନାରୀ ଅଧିକାର ଓ ସଶକ୍ତିକରଣର ଆଲୋଚନା ହେଉଥିବା ବେଳେ କିନ୍ତୁ ପ୍ରକୃତରେ ମହିଳା ମାନଙ୍କ ରାଜନୈତିକ, ସାମ୍ବିଧାନିକ ଅଧିକାର ଓ ସାମାଜିକ ସୁରକ୍ଷା ଆଜି ମଧ୍ୟ ବଡ ପ୍ରଶ୍ନବାଚୀ ହୋଇ ରହିଛି। ନାରୀ ମାନଙ୍କର ଅଧିକାର ପାଇଁ ନାରୀ ମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ବିଜୁ ବାବୁ ହିଁ ଥିଲେ ଯୁଗ ପ୍ରବର୍ତ୍ତକ ବୋଲି ବିଜେଡି ର ନେତୃ ମଣ୍ଡଳୀ ଅଭିଯୋଗ କରିଛନ୍ତି। ପଞ୍ଚାୟତରାଜ ସଂସ୍ଥା ଠାରୁ ଆରମ୍ଭ କରି ସରକାରୀ ଚାକିରୀ କ୍ଷେତ୍ରରେ ୩୩% ପ୍ରତିଶତ ସ୍ଥାନ ମହିଳା ମାନଙ୍କ ପାଇଁ ସଂରକ୍ଷଣ ଭଳି ସାହସିକ ପଦକ୍ଷେପ ନେଇ ବିଜୁ ବାବୁ ଇତିହାସ ସୃଷ୍ଟି କରିଥିଲେ। ବିଜୁ ବାବୁଙ୍କ ଆଦର୍ଶରେ ପୂର୍ବ ନବୀନ ବାବୁଙ୍କ ସରକାର ପଞ୍ଚାୟତରାଜ ଓ ପୌର ସଂସ୍ଥାରେ ମହିଳା ସଂରକ୍ଷଣକୁ ୫୦% ପ୍ରତିଶତ ବୃଦ୍ଧି କରିଥିଲେ।। ୨୦୧୯ ଓ ୨୦୨୪ ନିର୍ବାଚନରେ ଲୋକସଭା ପାଇଁ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ମହିଳା ମାନଙ୍କୁ ୩୩% ପ୍ରତିଶତ ଟିକେଟ ମଧ୍ୟ ଦେଇଥିଲେ। ମହିଳା ସଂରକ୍ଷଣ ବିଜୁ ଜନତା ଦଳର ସବୁ ସମୟରେ ପ୍ରଥମ ଆଭିମୁଖ୍ୟ ରହିଛି ଓ ରହିଥିବ ବୋଲି ବିଜେଡି ଦାବି କରିଛି। ମହିଳା ସଂରକ୍ଷଣ ବିଲ୍ ୨୦୨୩ କୁ ପାର୍ଲାମେଣ୍ଟରେ ବିଜୁ ଜନତା ଦଳ ଦୃଢ ଭାବରେ ନିଃସର୍ତ୍ତ ସମର୍ଥନ କରିଥିଲା। ଦୁଃଖ ଓ ପରିତାପର ବିଷୟ କେନ୍ଦ୍ର ସରକାର ବିଭିନ୍ନ ଆଳ ଦେଖାଇ ଏହାକୁ ଲାଗୁ କଲେ ନାହିଁ ଏ ନେଇ ରଣପୁର ର ବିଧାୟକ ସତ୍ୟନାରାୟଣ ପ୍ରଧାନ ଙ୍କ ନେତୃତ୍ୱରେ ରଣପୁର ନିର୍ବାଚନ ମଣ୍ଡଳୀ ଶତାଧିକ ମହିଳା ରାଷ୍ଟ୍ରପତି ଙ୍କ ଉଦ୍ଦେଶ୍ୟ ରେ ରଣପୁର ବିଡିଓ ଙ୍କ ମାଧ୍ୟମରେ ଏକ ଦାବି ପତ୍ର ଦିଆଗଲାୟ ଏଥିରେ ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଜିଲ୍ଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ବ୍ଲକ ସଭାପତି ସଚିକାନ୍ତ ଷଡ଼ଙ୍ଗୀ, ନଗର ସଭାପତି ଲିଙ୍ଗରାଜ ନାୟକ, ଯୁବ ସଭାପତି ପ୍ରଫୁଲ୍ଲ ନାୟକ, ବ୍ଲକ ମହିଳା ସଭାପତି ନର୍ମଦା ରାୟ, ନଗର ମହିଳା ସଭାପତି ଜୟନ୍ତୀ ମହାରଣା ପ୍ରମୁଖ ଉପସ୍ଥିତ ରହି ରଣପୁର ବିଡିଓ ଙ୍କୁ ଦାବିପତ୍ର ଦେଇଥିଲେ।

## ଗ୍ୟାସ କଳାବଜାରି ଦିନକୁ ଦିନ ବୃଦ୍ଧି, ବିଭାଗ ସବୁ ଜାଣି ନୀରବ

ଗଜପତ(ମହାଭାରତ): ମଧ୍ୟ ପ୍ରାଚୀର ଯୁଦ୍ଧ ଯୋଗୁଁ ଗ୍ୟାସର ଅସୁବିଧା ହଉଛି, ଏହାର ସୁଯୋଗ ନେଇ ଗ୍ୟାସ କଳା ବଜରୀ ଚାଲିଛି। ଯାହା ଫଳରେ ସାଧାରଣ ଲୋକଟି ବଞ୍ଚିବା କଷ୍ଟକର ହୋଇ ପଡିଛି। ହୋଟେଲ, ରେଷ୍ଟୋରାଣ୍ଟ, ଟିଫିନ୍ ଦୋକାନ, ଚାଟ ଦୋକାନ, ଫାଷ୍ଟ ଫୁଡ୍ ଦୋକାନ ,ଅହୁତକଦରଦାମ ବୃଦ୍ଧି ପାଉଛି। ଯାହା ଫଳ ରେ ସାଧାରଣ ଲୋକଟି ଖାଇବା ସକାଶେ ଇଚ୍ଛା ଥିଲେ ସୁଦ୍ଧା ଖାଇ ପାରୁ ନାହିଁ ଏହାର ମୁଖ୍ୟ କାରଣ ଗ୍ୟାସ ବୃଦ୍ଧି ଯୋଗୁଁ ଏପରି ଅବସ୍ଥା ହୋଇଛି। ହିତାଧିକାରୀ ଗ୍ୟାସ ବାହାରକୁ ବିକ୍ରି କରୁଛନ୍ତି। ଏହାକୁ ବିଭାଗ ରୋକାଯାଇ ପାରୁ ନାହିଁ। ଗ୍ୟାସ ଯୋଗାଣ ସଂସ୍ଥା ଓ ଗ୍ୟାସ ବିତରଣ କରୁଥିବା ୱେବ ସାଇଟକୁ ଯାଞ୍ଚ କରିବା ଆବଶ୍ୟକତା ରହିଛି। ଗ୍ରାମ ଗୁଡିକରେ ବିତରଣ କରୁ ଥିବା ବେପାରୀ ଙ୍କ ପାଖରେ ଖାତା ରହିଥିବାର ଅଭିଯୋଗ ହେଉଛି ,ଯାହା ଫଳ ରେ ସେମାନେ ବୁକିଙ୍ଗ କରି ହିତାଧିକାରୀ ଙ୍କୁ ଗୋଟେ ଦୁଇଟି ଦେଇ ଅନ୍ୟ ଗ୍ୟାସ ବାହାରେ କଳା ବଜାରୀ କରୁଥିବା ଅଭିଯୋଗ ହଉଛି। ଏହାର ଯାଞ୍ଚ କରିବା ଆବଶ୍ୟକତା ରହିଛି।

# ନାରୀ ଅଧିକାର ପାଇଁ ବିଜେଡିର ପଦଯାତ୍ରା, ବିଡିଓଙ୍କୁ ଦାବିପତ୍ର ପ୍ରଦାନ




ଲକ୍ଷ୍ମୀପୁର,(ମହାଭାରତ) :କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ନାରୀ ଅଧିକାର ଅଭିଯାନ ସମାବେଶ ଅବସରରେ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ପାର୍ବତୀ ମସ୍ତିଙ୍କ ଆହ୍ୱାନ କ୍ରମେ ଏବଂ ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ ପ୍ରଭୁ ଜାନିଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଓ ମହିଳା ସଦସ୍ୟମାନେ ରେଲୱେ ଛକରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ ।ପଦଯାତ୍ରା ସମୟରେ ନାରୀଙ୍କ ସୁରକ୍ଷା, ସମ୍ମାନ ଓ ଅଧିକାର ସୁରକ୍ଷା ସହ ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା, ଅନ୍ୟାୟ ଓ ଅପରାଧ ଘଟଣାକୁ ନେଇ ଉଦବେଗ ପ୍ରକାଶ କରାଯାଇଥିଲା। ସେହିପରି ବିଧାନସଭା ଓ ସଂସଦରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଏବଂ ଏଥିପାଇଁ ଆବଶ୍ୟକ ସୀମା ନିର୍ଦ୍ଧାରଣ (ଡିଲିମିଟେସନ) ପ୍ରକ୍ରିୟା ଶୀଘ୍ର ସମ୍ପନ୍ନ କରିବା ଦାବି ଉଠିଥିଲା। ଏହି ପ୍ରସଙ୍ଗ ବିଜେଡିର ରାଜ୍ୟବ୍ୟାପୀ ନାରୀ ଅଧିକାର ଅଭିଯାନର ମୁଖ୍ୟ ଦାବିମାନଙ୍କ ମଧ୍ୟରେ ରହିଛି। ପରେ ପ୍ରତିନିଧିମଣ୍ଡଳୀ ଲକ୍ଷ୍ମୀପୁର ବିଡିଓଙ୍କୁ ଭେଟି ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ ।ନାରୀଙ୍କ ରାଜନୈତିକ, ସାମାଜିକ ଓ ସାମ୍ବିଧାନିକ ଅଧିକାର ସୁରକ୍ଷା ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବହୁ ନେତା, ମହିଳା କର୍ମୀ ଏବଂ ସମର୍ଥକମାନେ ଯୋଗଦେଇ ନାରୀ ସଶକ୍ତିକରଣ ଓ ଅଧିକାର ସୁରକ୍ଷା ପାଇଁ ଏକଜୁଟ ହୋଇ ସ୍ୱର ଉତ୍ତୋଳନ କରିଥିଲେ।

## ମ୍ୟାଟ୍ରିକରେ ୪୮୦ ନମ୍ବର ରଖିଥିବା ଚୟନିକାଙ୍କୁ 'ମାଣିକ ଲାଲ ଘୋଷ ସ୍ମାରକୀ ସମ୍ମାନ'



ମାଲକାନଗିର(ମହାଭାରତ): ଦୁଃଖ, ଅଭାବ ଓ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ମଧ୍ୟ ଦୃଢ଼ ଇଚ୍ଛାଶକ୍ତି ଥିଲେ ସଫଳତା ହାସଲ କରାଯାଇପାରେ ବୋଲି ପ୍ରମାଣ କରିଛନ୍ତି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତଏମ୍ପିଭି-୮୩ କୃଷ୍ଣନଗର ଗ୍ରାମର ଛାତ୍ରୀ କୁମାରୀ ଚୟନିକା ରାୟ। ଚଳିତ ଦଶମ ବୋର୍ଡ ପରୀକ୍ଷାରେ ୪୮୦ ନମ୍ବର ରଖି 'ଏ-୨' ଗ୍ରେଡ୍ରେ ଉତ୍ତୀର୍ଣ୍ଣ ହୋଇ ସେ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ତେବେ ଏହି ସଫଳତା ପଛରେ ରହିଛି ଏକ ଦୁଃଖଭରା ସଂଘର୍ଷର କାହାଣୀ। କିଛି ଦିନ ପୂର୍ବରୁ ଚୟନିକାଙ୍କ ପିତା ଜିତେଶ ରାୟ (୩୮)ଙ୍କ ଅକାଳ ବିୟୋଗ ଘଟିଥିଲା। ପରିବାରର ଆର୍ଥିକ ଅବସ୍ଥା ଦୁର୍ବଳ ହୋଇପଡ଼ିଥିବା ବେଳେ ଚୟନିକାଙ୍କ ଉଚ୍ଚଶିକ୍ଷା ନେଇ ଚିନ୍ତା ବଢ଼ିଥିଲା। ତଥାପି ସମସ୍ତ ଦୁଃଖକୁ ପଛେ ପକାଇ ସେ ବିଜ୍ଞାନ ଶାଖାରେ ଅଧ୍ୟୟନ କରିବାକୁ ଦୃଢ଼ ସଙ୍କଳ୍ପ ନେଇଛନ୍ତି। ଚୟନିକାଙ୍କ ପରିସ୍ଥିତି ସମ୍ପର୍କରେ ଜାଣିବା ପରେ ସାବରୀ ବିଦ୍ୟା ଭବନର ପୁରାତନ ଛାତ୍ରଛାତ୍ରୀ (୧୯୮୦-୧୯୯୦ ବ୍ୟାଚ୍) ସଂଘ ତାଙ୍କ ସହାୟତା ପାଇଁ ଆଗକୁ ଆସିଥିଲେ। ସଂଘ ପକ୍ଷରୁ ଚୟନିକାଙ୍କୁ ୧୦ ହଜାର ଟଙ୍କାର ଚେକ୍, 'ମାଣିକ ଲାଲ ଘୋଷ ସ୍ମାରକୀ ସମ୍ମାନ' ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଏମଭି-୮୦ ସ୍ଥିତ ପ୍ରଶାନ୍ତ ସର୍ଦ୍ଦାରଙ୍କ ବାସଭବନରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁକୁଳ ମଣ୍ଡଳ, ନିମାଇ ଚନ୍ଦ୍ର ପାଲ, ସମୀର ମିସ୍ତ୍ରୀ, ଅମିୟ ବୈରାଗୀ, ଦୀପକ ଦତ୍ତ, ଚଳଚିତ୍ର ମଣ୍ଡଳ, ସୁରେଶ ମେହେଟା, ସୁଖଲାଲ ମଣ୍ଡଳ, ଆନନ୍ଦ ରାୟ, ଗୋବିନ୍ଦ ରାୟ, ଚିତ୍ତ ସିକଦାର, ବୁଲବୁଲି ମଜୁମଦାର, ସାବିତ୍ରୀ ମଣ୍ଡଳ, ସୁନୀଲ ସର୍ଦ୍ଦାର, ପରିମଳ ସାନା, କୃଷ୍ଣ ମଣ୍ଡଳ, ସଚିନ କୃଷ୍ଣ ସାନା, ପ୍ରଶାନ୍ତ ସର୍ଦ୍ଦାର ଓ ଭବେନ ସର୍ଦ୍ଦାର ପ୍ରମୁଖ ଉପସ୍ଥିତ ଥିଲେ। ଚୟନିକାଙ୍କ ମାତା ସୁଚିତ୍ରା ରାୟ ଓ ଅଭିଭାବକ ଶ୍ରୀ ମନୀନ୍ଦ୍ର ଗୋଲଦାର ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସଭାରେ ବକ୍ତାମାନେ କହିଥିଲେ ଯେ, ସ୍ୱର୍ଗତ ମାଣିକ ଲାଲ ଘୋଷ ଜଣେ ଆଦର୍ଶ ପ୍ରଧାନ ଶିକ୍ଷକ ଥିଲେ। ସେ ଅନେକ ଛାତ୍ରଛାତ୍ରୀଙ୍କୁ ଶିକ୍ଷିତ କରି ସମାଜରେ ପ୍ରତିଷ୍ଠିତ କରିଥିଲେ।

## ବାଲିପଡ଼ିଆ ଗ୍ରାମ ପଂଚାୟତର କଂଗ୍ରେସ କମିଟି ବୈଠକ

ବାଲିଚନ୍ଦ୍ରପୁର,(ମହାଭାରତ); ବଡ଼ଚଣା ବିଧାନସଭା ଅନ୍ତର୍ଗତ ବାଲିପଡ଼ିଆ ଗ୍ରାମ ପଞ୍ଚାୟତର କଂଗ୍ରେସ କମିଟିର ଏକ ବୈଠକ ବିଶିଷ୍ଟ ଶିକ୍ଷାବିତ୍ ଆଦର୍ଶଶିକ୍ଷକ ବରିଷ୍ଠ କଂଗ୍ରେସ କର୍ମୀ ଧରଣୀଧର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଗାମୀ ପଂଚାୟତ ନିର୍ବାଚନ ନିମିତ୍ତ କଂଗ୍ରେସ କର୍ମୀମାନଙ୍କୁ ତୃଣମୂଳ ସ୍ତରରୁ ସଂଗଠନ କରି ପଂଚାୟତ ଦଖଲ କରିବା ପାଇଁ ଆହ୍ୱାନ ଦେଇଥିଲେ। କର୍ମୀମାନେ ପ୍ରତ୍ୟେକ ୱାର୍ଡ଼ ଯାଇ ୱାର୍ଡ଼ କମିଟି ଗଠନ କରି ସଂଗଠନକୁ ମଜବୁତ କରିବା ପାଇଁ ସଭାପତି ପରାମର୍ଶ ଦେଇଥିଲେ। ଏହି ବୈଠକରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଓକିଲ ତଥା କଂଗ୍ରେସ କର୍ମୀ ପ୍ରଫୁଲ୍ଲ କୁମାର ପ୍ରଧାନ, ବସନ୍ତ କୁମାର ସାମଲ, ଅଶୋକ କୁମାର ଭଞ୍ଜ, ଶରତ ଚନ୍ଦ୍ର ପ୍ରଧାନ, ରଙ୍ଗାଧର ବାଇ, ଗୋଲଖ ମଳିକ, ରବୀନ୍ଦ୍ର ମଳିକ, ଦଶରଥ ମଳିକ, ନିରଞ୍ଜନ ମଳିକ, ବଟ ମଳିକ, ଗୌତମ ମଳିକ, ଶରତ ମଳିକ, ରମେଶ ଚନ୍ଦ୍ର ରାଉତ, ସୂର୍ଯ୍ୟ ପ୍ରସାଦ ଶତପଥି, ଶରତ ଚନ୍ଦ୍ର ପଢିହାରୀ, ତ୍ରିଲୋଚନ ମଳିକ, ଦୀଲ୍ଲିପ ମଳିକ, ଲଙ୍ଗୁଳି ମଳିକ, ମଦନ ମଳିକ, ବିଶ୍ୱମ୍ଭର ମଳିକ, ଶିବ ପ୍ରସାଦ ମଳିକ, ପ୍ରଶାନ୍ତ ମଳିକ, ଗଗନ ବିହାରୀ ମଳିକ, ପଦ୍ମଲୋଚନ ବେହେରା, ଜଗର ମଳିକ, ନିକୁଞ୍ଜ ବିହାରୀ ପ୍ରଧାନ, ସୁନାକର ମଳିକ, ସନାତନ ମଳିକ, କୈଳାଶ ମଳିକ, ଜନ୍ମଜେୟ ପ୍ରଧାନ, ସୁନିଲ କୁମାର ସାମଲ, ବୀର ଜେନା, ଅନନ୍ତ ବେହେରା ପ୍ରମୁଖ ଶତାଧିକ କର୍ମୀ ବୈଠକରେ ଯୋଗଦେଇ କଂଗ୍ରେସ ସଂଗଠନକୁ ମଜବୁତ କରିବେ ବୋଲି ମତ ଦେଇଥିଲେ। ବାଲିପଡ଼ିଆ ଗ୍ରାମ ପଂଚାୟତ କଂଗ୍ରେସ କମିଟିର ସଭାପତି ଧନଞ୍ଜୟ ତ୍ରିପାଠୀ ବୈଠକରେ ଉପସ୍ଥିତ ସମସ୍ତ କର୍ମୀମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସମସ୍ତେ ଏକଜୁଟ ହୋଇ ସଂଗଠନରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ।

# ବାଲି ଘାଟ ବନ୍ଦ ନହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ

ଆସିକା(ମହାଭାରତ):ଗଞ୍ଜାମ ଜିଲ୍ଲାରେ ବେଆଇନ ବାଲି ଚୋରା ଚାଲାଣ ଏକ ନିତିଦିନିଆ ଘଟଣା ହୋଇଯାଇଥିଲା ବେଳେ ଗଞ୍ଜାମ ଜିଲ୍ଲାର ଆସିକାର ଦୁଇ ନଦୀ ଋଷିକୂଲ୍ୟା ଓ ବଦନଦୀରେ ଥିବା ବେଆଇନ ବାଲି ଘାଟ ଗୁଡ଼ିକ ଉପରେ ସ୍ଥାନୀୟ ଜନସାଧାରଣ ଆସିକା ବିଜେଡି ପକ୍ଷରୁ ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଲଗାଇ ବନ୍ଦ କରିଦେଇଥିଲା ବେଳେ ଆସିକା ବିଜୁ ପଟ୍ଟନାୟକ ଛକ ଠାରେ ଥିବା ନରସିଂହପଲ୍ଲୀ ବାଲି ଘାଟରେ ଲିଜ ଥିବା ସ୍ଥାନରେ ବାଲି ନଥିଲା। ଏହି ଘାଟଠାରୁ ୫କିମି ଦୂର ତଥା ପାଟିଲିଗୁଡା ପର୍ଯ୍ୟନ୍ତ ନଦୀ ଗର୍ଭ କୁ ତାଡି ଦୈନିକ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ ହେଉଥିବା ଘଟଣା ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ଏହା ପରେ ମଧ୍ୟ ପ୍ରଶାସନ ପକ୍ଷରୁ କାହିଁକି ଉକ୍ତ ବାଲି ଘାଟରେ ଧାରା ୧୪୪ ଲଗାଯାଉନି କାହା ଇଙ୍ଗିତରେ ଏହି ବାଲି ଘାଟ ଚାଲିଛି। ଆଗାମୀ ଦିନରେ ବେଆଇନ ବାଲିଘାଟ ବନ୍ଦ ନହେଲେ ବେଜେଡି ରାଜ ରାସ୍ତାକୁ ଓହ୍ଲାଇବ ବୋଲି ସରପଞ୍ଚ ସଙ୍ଘ ସଭାପତି ତଥା ବରିଷ୍ଠ ବିଜେଡ଼ି



ନେତା ଭବାନୀ ଶଙ୍କର ମଲ୍ଲିକ ପ୍ରକାଶ କରିଛନ୍ତି। ଆସିକା ବିଜୁ ପଟ୍ଟନାୟକ ଛକ ଠାରେ ସିସି ଟିଭି କ୍ୟାମେରା ଲାଗିଛି। ଖଣି, ରାଜସ୍ୱ ଓ ପୋଲିସ ବିଭାଗ ବେଆଇନ ବାଲି ଉତ୍ତୋଳନ କରୁଥିବା ମାଫିଆ ମାନଙ୍କ ଉପରେ ହାତ ମାରିବାକୁ ସାହସ କରୁନାହାନ୍ତି ।ଆସିକା ଅଞ୍ଚଳ ରେ ଅଧିକାଂଶ ବେଆଇନ ବାଲି ଘାଟ ୧୪୪ ଧାରା ଲାଗିବା ପରେ ଘାଟ ବନ୍ଦ ରହିଛି। ନରସିଂହ ପଲ୍ଲୀ ବେଆଇନ ବାଲି ଘାଟକୁ ପ୍ରଶାସନ ର ଏତେ ଦରଦ କାହିଁକି। ଦିନ ରାତି ବାଲି ଖନନ କରାଯାଇ ନଦୀରେ ପାହାଡ଼ ଭଳି ଗଚ୍ଛିତ ରଖାଯାଇ ବାଲି ସାରା ରାତି ଚୋରା ଚାଲାଣ ହେଉଛି ପ୍ରଶାସନ ସବୁ ଜାଣି ନଜାଣିଲା ଭଳି ନାଟକ କରୁଥିବା ଅଭିଯୋଗ କରିଛନ୍ତି ଭବାନୀ ଶଙ୍କର ମଲ୍ଲିକ ।ଯଦି ପ୍ରଶାସନ ପକ୍ଷରୁ ଏହାକୁ ବନ୍ଦ କରାନଯାଉଛି ତେବେ ଖୁବ ଶୀଘ୍ର ରାଜରାସ୍ତା କୁ ଓହ୍ଲାଇ ପ୍ରତିବାଦ କରାଯିବା ବୋଲି ଚେତାବନୀ ଦେଇଛି ଆସିକା ବିଜେଡି। ତତ ସହିତ ନରସିଂହପଲ୍ଲୀ ବାଲି ଘାଟ ପାଇଁ ସୀମା ନିର୍ଦ୍ଧାରଣ ସକାଶେ ଦୀର୍ଘ ୧୨ ମାସରୁ ଉର୍ଦ୍ଧ ସମୟ ହେଲା ସରକାର ଙ୍କ ନିକଟରେ ଥିବା ରିପୋର୍ଟ କାହିଁକି ଲୋକଲୋଚନକୁ ଅଣାଯାଉନାହିଁ କଣ ଏଥିରେ କିଛି ରହସ୍ୟ ରହିଛି କି ତାର ଉନ୍ମୋଚନ କରିବାକୁ ମଧ୍ୟ ଜିଲ୍ଲା ତଥା ସ୍ଥାନୀୟ ପ୍ରଶାସନ ଓ ଖଣି ବିଭାଗ କୁ ପ୍ରଶ୍ନ କରିଛନ୍ତି।

# ‘ବାଇଜୁସ୍’ ପ୍ରତିଷ୍ଠାତାଙ୍କୁ ୬ ବର୍ଷର ଜେଲ ଦଣ୍ଡ, ୬୭ ଲକ୍ଷ ଟଙ୍କାର ଜରିମାନା ମଧ୍ୟ ଲଗାଇଲେ କୋର୍ଟ





ନୂଆଦିଲ୍ଲୀ: ଦେଶର ପ୍ରଥମ ବଡ଼ ଟେକ୍ ଏଜୁକେସନ କମ୍ପାନି ‘ବାଇଜୁସ’ର ମାଲିକ ବାଇଜୁ ରବିନ୍ଦ୍ରନଙ୍କୁ ସିଙ୍ଗାପୁରର ଏକ କୋର୍ଟ ୬ ମାସର ଜେଲ ଦଣ୍ଡ ଶୁଣାଇଛନ୍ତି। କୋର୍ଟ କହିଛନ୍ତି ରବିନ୍ଦ୍ରନ ନିଜ ସମ୍ପତ୍ତି ସହ ଜଡ଼ିତ ଜରୁରୀ ନଥିପତ୍ର ଲୁଚାଇବା ସହ ଅଦାଲତଙ୍କ ଆଦେଶ ଅବମାନନା କରିଛନ୍ତି। ସିଙ୍ଗାପୁର କୋର୍ଟଙ୍କ ଅନୁସାରେ, ରବିନ୍ଦ୍ରନ ଏପ୍ରିଲ ୨୦୨୪ରୁ ଲଗାତାର ନିଜ ସମ୍ପତ୍ତି ସହ ଜଡ଼ିତ ସୂଚନା ଦେବାର ଆଦେଶକୁ ଅଣଦେଖା କରୁଥିଲେ। ଆଉ ବାରମ୍ବାର ଅଦାଲତଙ୍କ ଆଦେଶର ଉଲ୍ଲଙ୍ଘନ କରିବା ଯୋଗୁ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଏବଂ ଜେଲ ପଠାଇବାକୁ ରାୟ ଶୁଣାଇଛନ୍ତି। କୋର୍ଟ ରବିବନ୍ଦ୍ରନଙ୍କୁ ତୁରନ୍ତ ଅଧିକାରୀଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ କହିଛନ୍ତି। ସଜା ସହ ରବିନ୍ଦ୍ରନଙ୍କ ଉପରେ ୯୦ ହଜାର ସିଙ୍ଗାପୁର ଡଲାର ବା ପ୍ରାୟ ୬୭ ଲକ୍ଷ ଟଙ୍କାର ଜରିମାନା ମଧ୍ୟ ଲଗାଯାଇଛି। ତାଙ୍କୁ ଏହି ଟଙ୍କା ଲିଗାଲ କଷ୍ଟ ଭାବରେ ଦେବାକୁ ପଡ଼ିବ। ଏହା ବାଦ୍ ରବିନ୍ଦ୍ରନଙ୍କୁ ‘ବି.ଆର ଇନଭେଷ୍ଟକୋ ପିଟିଇ’ର ଆଇନଗତ ମାଲିକାନା ପ୍ରମାଣିତ କରୁଥିବା ଦସ୍ତାବିଜ ମଧ୍ୟ କୋର୍ଟରେ ଦାଖଲ କରିବାକୁ ଆଦେଶ ଦିଆଯାଇଛି। ଏହା ଏକ କର୍ପୋରେଟ୍ ସଂସ୍ଥା। ଯାହା ପାଖରେ ‘ବାଇଜୁସ’ର ସେୟାର ରହିଛି।

ରବିନ୍ଦ୍ରନଙ୍କ ବିରୋଧରେ ସିଙ୍ଗାପୁର ଅଦାଲତରେ ଏହି ମାମଲା କତରର ସୋଭେରିନ୍ ଓ୍ୱେଲ୍‌ଥ ଫଣ୍ଡ୍ ‘କତର ଇନଭେଷ୍ଟମେଣ୍ଟ ଅଥରିଟି’ର ଏକ ସହାୟକ କମ୍ପାନି ରୁଜୁ କରିଥିଲା। ଛଓଇ ବାଇଜୁଙ୍କ ସେହି ଫଣ୍ଡିଂରେ ନିବେଶ କରିଥିଲେ, ଯେତେବେଳେ କମ୍ପାନି ସଙ୍କଟ ମଧ୍ୟରେ ଗତି କରୁଥିଲା ଏବଂ କର୍ମଚାରୀଙ୍କ ଛଟେଇ କରୁଥିଲା। ତେବେ ବର୍ତ୍ତମାନ ସୁଦ୍ଧା ରବିନ୍ଦ୍ରନଙ୍କ ପକ୍ଷରୁ ଏହି ସଜା ଉପରେ କୌଣସି ପ୍ରତିକ୍ରିୟା ଆସିନାହିଁ। ଏହା ମଧ୍ୟ ସ୍ପଷ୍ଟ ହୋଇନାହିଁ ଯେ, ବାଇଜୁ ରବିନ୍ଦ୍ରନ ବର୍ତ୍ତମାନ ସିଙ୍ଗାପୁରରେ ଅଛନ୍ତି କି’ ଅନ୍ୟ କୌଣସି ଦେଶରେ। ପୂର୍ବରୁ ବିଶ୍ୱବ୍ୟାପୀ ବିଦେଶୀ ନିବେଶକଙ୍କ ପକ୍ଷରୁ ରୁଜୁ ମାମଲାର ସାମ୍ନା କରୁଥିବା ବେଳେ, ରବିନ୍ଦ୍ରନଙ୍କ ପାଇଁ ଏହି ଦଣ୍ଡ ଅଡୁଆ ବଢ଼ାଇପାରେ। କମ୍ପାନିର ଆର୍ଥିକ ସ୍ଥିତି ଖରାପ ହେବା ଆରମ୍ଭ ହେବା ପରେ ଆମେରିକାର ଋଣଦାତାମାନେ ବିବାଦୀୟ ହୋଇଯାଇଥିବା ୧.୨ ବିଲିୟନ ଡଲାର ବା ପ୍ରାୟ ୧୧ ହଜାର କୋଟି ଟଙ୍କା ଋଣ ଆଦାୟ ପାଇଁ ଆଇନଗତ ଲଢ଼େଇ ମଧ୍ୟ କରୁଛନ୍ତି। ରବିନ୍ଦ୍ରନ୍ ତାଙ୍କର କମ୍ପାନି, ଥିଙ୍କ୍ ଆଣ୍ଡ୍ ଲର୍ଣ୍ଣ ପ୍ରାଇଭେଟ୍ ଲିମିଟେଡ୍ ଆରମ୍ଭ କରିଥିଲେ। ଯାହା ସାରା ବିଶ୍ୱରେ ବାଇଜୁସ ନାମରେ ପରିଚିତ ହୋଇଥିଲା। ଏଥିପାଇଁ ତାଙ୍କୁ ଏକଦା ଭାରତର ସବୁଠାରୁ ସଫଳ ଷ୍ଟାର୍ଟଅପ୍ ପ୍ରତିଷ୍ଠାତାମାନଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଉଥିଲା ଏବଂ ଏହି କମ୍ପାନି ତାଙ୍କୁ କୋଟିପତି ମଧ୍ୟ କରିଥିଲା। ଖାଲି ସେତିକି ନୁହେଁ ‘ବାଇଜୁସ’କୁ ବିଶ୍ୱସ୍ତରୀୟ କମ୍ପାନିଗୁଡ଼ିକରୁ ବଡ଼ ନିବେଶ ମଧ୍ୟ ମିଳିଥିଲା। ବାଇଜୁସ ଏକଦା ଭାରତର ସବୁଠାରୁ ମୂଲ୍ୟବାନ ଷ୍ଟାର୍ଟଅପ୍ ଥିଲା। ୨୦୨୨ ବେଳକୁ ଏହାର ମୂଲ୍ୟ ୨୨ ବିଲିୟନ ଡଲାର ବା ପ୍ରାୟ ୨.୧୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା। ଭାରତୀୟ କ୍ରିକେଟ୍ ଦଳର ଜର୍ସିରେ କମ୍ପାନିର ଲୋଗୋ ପ୍ରଦର୍ଶିତ ହୋଇଥିଲା। କିନ୍ତୁ ନଭେମ୍ବର ୨୦୨୧ରେ ବିଦେଶୀ ଋଣଦାତାମାନଙ୍କଠାରୁ ନିଆଯାଇଥିବା ୧.୨ ବିଲିୟନ ଡଲାର (ପ୍ରାୟ ୧୧,୦୦୦ ହଜାର କୋଟିର ମିଆଦୀ ଋଣ ସହିତ କମ୍ପାନିର ପତନ ଆରମ୍ଭ ହୋଇଥିଲା। ଋଣଦାତାମାନେ କମ୍ପାନି ଉପରେ ଠକେଇ ଏବଂ ସ୍ୱଚ୍ଛତାର ଅଭାବର ଅଭିଯୋଗ ଆଣିଥିଲେ। ଏହା ପରେ ଅଡିଟରେ ବିଳମ୍ବ ଏବଂ ବଢୁଥିବା କ୍ଷତି ନିଆଁରେ ଘିଅ ଢାଳିଥିଲା। ଏହାଯୋଗୁ ୨୦୨୧ ଆର୍ଥିକ ବର୍ଷରେ କମ୍ପାନିର କ୍ଷତି ୪,୫୮୮ କୋଟି ଟଙ୍କାରେ ପହଞ୍ଚିଥିଲା।

# ମଝି ଆକାଶରୁ ଫେରିଲା ଏୟାର ଇଣ୍ଡିଆ ବିମାନ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଦିଲ୍ଲୀରେ କଲା ଅବତରଣ





ନୂଆଦିଲ୍ଲୀ : ଦିଲ୍ଲୀରୁ ସାନଫ୍ରାନ୍ସିସ୍କୋ ଯାଉଥିବା ଏୟାର ଇଣ୍ଡିଆ ବିମାନ ଅଧାରୁ ଫେରିଲା । ୩ ଘଣ୍ଟାରୁ ଅଧିକ ସମୟ ବିମାନ ଉଡ଼ାଣ ଭରିସାରିଥିବା ବେଳେ ଯାନ୍ତ୍ରିକ ତ୍ରୁଟି ପାଇଁ ଅଧାରୁ ଫେରିଆସିଛି । ବିମାନରେ ପ୍ରାୟ ୨୩୦ ଯାତ୍ରୀ ଥିଲେ । ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି । ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛି ଏୟାର ଇଣ୍ଡିଆ । ଏୟାର ଇଣ୍ଡିଆର ପ୍ରବକ୍ତା କହିଛନ୍ତି, ଦିଲ୍ଲୀରୁ ସାନ୍ ଫ୍ରାନ୍ସିସ୍କୋ ଯାଉଥିବା ବିମାନ ଇଓ୧୭୩ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଦିଲ୍ଲୀ ଫେରିଯାଇଛି । ଏହି ନିଷ୍ପତ୍ତି ଷ୍ଟାଣ୍ଡାର୍ଡ ପ୍ରୋଟୋକଲ ଦୃଷ୍ଟିରୁ ବିମାନକୁ ଫେରାଇ ନିଆଯାଇଛି । ବିମାନକୁ ସୁରକ୍ଷିତ ଭାବେ ଦିଲ୍ଲୀରେ ଅବତରଣ କରାଯାଇଛି । ବିମାନରେ ଯାନ୍ତ୍ରିକ ତ୍ରୁଟି ଯାଞ୍ଚ କରାଯାଉଛି । ଏୟାର ଇଣ୍ଡିଆ ଯାତ୍ରୀଙ୍କ ସମସ୍ୟା ପାଇଁ ଦୁଃଖ ପ୍ରକାଶ କରିଛି । ଯାତ୍ରୀଙ୍କୁ ଖୁବଶୀଘ୍ର ଗନ୍ତବ୍ୟ ସ୍ଥଳକୁ ପଠାଯିବାକୁ ବିକଳ୍ପ ବ୍ୟବସ୍ଥା କରାଯାଉଛି । ଯାତ୍ରୀଙ୍କ ପାଇଁ ରିଫ୍ରେସମେଣ୍ଟ, ହୋଟେଲ ଏବଂ ରି-ସିଡ୍ୟୁଲିଂ ଭଳି ବ୍ୟବସ୍ଥା କରାଯାଉଛି । ଏୟାର ଇଣ୍ଡିଆ ଯାତ୍ରୀ ଏବଂ କ୍ରୁ ସଦସ୍ୟଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଉଛି । ପୂର୍ବରୁ ମାର୍ଚ୍ଚରେ ଦିଲ୍ଲରୁ ଭ୍ୟାଙ୍କୁଭର ଯାଉଥିବା ଏୟାର ଇଣ୍ଡିଆ ବିମାନ ୮ ଘଣ୍ଟା ଆକାଶରେ ଚକ୍କର କାଟିବା ପରେ ଦିଲ୍ଲୀ ଫେରିଆସିଥିଲା । ବିମାନଟି ଚୀନର ଏୟାରସ୍ପେସରୁ ଫେରୁଆସିଥିଲା । ଗତବର୍ଷ ଜୁନ ୧୨ରେ ହୋଇଥିବା ଅହମଦାବାଦ ବିମାନ ଦୁର୍ଘଟଣା ପରେ ଏୟାର ଇଣ୍ଡିଆର ସ୍ଥିତି ଖରାପ ରହିଛି । ଏହି ବିମାନ ଦୁର୍ଘଟଣାରେ ପ୍ରାୟ ୨୭୦ ଜଣଙ୍କ ଜୀବନ ଚାଲିଯାଇଥିଲା ।

# ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇପାରନ୍ତି ସିଦ୍ଧରମୈୟା ଡିକେ ଶିବକୁମାର ନେବେ ଦାୟିତ୍ୱ

କର୍ଣ୍ଣାଟକ : କର୍ଣ୍ଣାଟକରେ ବଡ଼ ରାଜନୈତିକ ହଲଚଲ । ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇପାରନ୍ତି ସିଦ୍ଧରମୈୟା । ଡି.କେ ଶିବକୁମାରଙ୍କ ହାତକୁ ଯିବ କମାଣ୍ଡ ! କର୍ଣ୍ଣାଟକ ରାଜନୀତିରେ ଏକ ବଡ଼ ଧରଣର ନେତୃତ୍ୱ ପରିବର୍ତ୍ତନକୁ ନେଇ ବର୍ତ୍ତମାନ ଚର୍ଚ୍ଚା ଜୋର ଧରିଛି । ସୂଚନା ଅନୁଯାୟୀ, କଂଗ୍ରେସ ହାଇକମାଣ୍ଡ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କୁ ନିଜ ପଦରୁ ଶୀଘ୍ର ଇସ୍ତଫା ଦେବାକୁ କହିଛନ୍ତି । ଏଥିସହିତ ବର୍ତ୍ତମାନର ଉପ-ମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାର ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଦୌଡ଼ର ସବୁଠାରୁ ଆଗରେ ରହିଥିବା ଜଣାପଡ଼ିଛି । କର୍ଣ୍ଣାଟକରେ ନୂଆ ମୁଖ୍ୟମନ୍ତ୍ରୀ ଏବଂ ୪ ଉପ-ମୁଖ୍ୟମନ୍ତ୍ରୀ ହେବା ସମ୍ଭାବନା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତାକାଲି ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ନିଜ ପଦବୀରୁ ଇସ୍ତଫା ଦେଇପାରନ୍ତି । ଦିଲ୍ଲୀରେ କଂଗ୍ରେସ ହାଇକମାଣ୍ଡଙ୍କ ସହ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି । ବର୍ତ୍ତମାନର ପ୍ରସ୍ତାବ ଅନୁଯାୟୀ ଦଳିତ, ସଂଖ୍ୟାଲଘୁ, ଲିଙ୍ଗାୟତ ଏବଂ ଓବିସି ସମୁଦାୟରୁ ଜଣେ ଲେଖାଏଁ ଉପ-ମୁଖ୍ୟମନ୍ତ୍ରୀ ରହିବା ରିପୋର୍ଟ ମିଳିଛି । ଆଲୋଚନା ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି, ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ । କର୍ଣ୍ଣାଟକରେ କଂଗ୍ରେସ ସରକାର ନିଜର ୩ ବର୍ଷ କାର୍ଯ୍ୟକାଳ ମେ



୨୦୨୩ରୁ ମେ ୨୦୨୬ ପର୍ଯ୍ୟନ୍ତ ପୂରଣ କରିସାରିଛି । ସରକ । ର… ଗଠନ ସମୟରେ ଉଭୟ ନେତାଙ୍କ ମଧ୍ୟରେ ୫୦-୫୦ ବା କ୍ଷମତା ଭାଗବଣ୍ଟାକୁ ନେଇ ଏକ ଆଭ୍ୟନ୍ତରୀଣ ବୁଝାମଣା ହୋଇଥିବା କୁହାଯାଉଥିଲା । ଏବେ ୩ ବର୍ଷ ପୂରିବା ପରେ ଶିବକୁମାରଙ୍କ ସମର୍ଥକମାନେ କ୍ଷମତା ପରିବର୍ତ୍ତନ ପାଇଁ ଚାପ ପ୍ରୟୋଗ କରୁଛନ୍ତି ।

# ଟିଏମସିରୁ ୧୦୦ କାଉନସିଲରଙ୍କ ଇସ୍ତଫା

ଟିଏମସି ନିୟନ୍ତ୍ରଣ ଥିବା ନଗର ନିଗମଗୁଡ଼ିକରେ ଅସ୍ଥିରତା ବି ଦେଖା ଦେଲାଣି। ଗତ କିଛି ଦିନରେ ପ୍ରାୟ ୧୦୦ ଜଣ କାଉନସିଲର ଇସ୍ତଫା ଦେବା ଟିଏମସି ସୁପ୍ରିମୋ ମମତାଙ୍କ ଚିନ୍ତା ବଢ଼ାଇ ଦେଇଛି। ପୂର୍ବରୁ ଦୃଢ଼ ଓ ପ୍ରଭାବଶାଳୀ ଥିବା ଟିଏମସି ଏବେ ସଙ୍କଟର ସମ୍ମୁଖୀନ ହେବାରେ ଲାଗିଛି। ମମତା ବାନାର୍ଜୀଙ୍କ ଟିଏମସି ପଶ୍ଚିମବଙ୍ଗରେ ବଡ଼ ପରାଜୟର ସାମ୍ନା କରିବା ପରେ ଏବେ ଦୁର୍ବଳ ହେଉଛି। ବରିଷ୍ଠ ନେତାମାନେ ଖୋଲାଖୋଲି ଅସନ୍ତୋଷ ଝାଡୁଛନ୍ତି। ଲୋକସଭା ସାଂସଦ କାକୋଳି ଘୋଷ ଦସ୍ତିଦାର ଓ ଆଉ କିଛି ବିଧାୟକ ଟିଏମସି ଠାରୁ ଦୂରତା ଅବଲମ୍ବନ କରୁଛନ୍ତି। ଏଥିସହ ଟିଏମସି ନିୟନ୍ତ୍ରଣ ଥିବା ନଗର ନିଗମଗୁଡ଼ିକରେ ଅସ୍ଥିରତା ବି ଦେଖା ଦେଲାଣି। ଗତ କିଛି ଦିନରେ ପ୍ରାୟ ୧୦୦ ଜଣ କାଉନସିଲର ଇସ୍ତଫା ଦେବା ଟିଏମସି ସୁପ୍ରିମୋ ମମତାଙ୍କ ଚିନ୍ତା ବଢ଼ାଇ ଦେଇଛି। ଟିଏମସିରେ ଦେଖା ଯାଇଥିବା ଅସ୍ଥିରତା ବିଜେପି ପାଇଁ ସୁଯୋଗ ସୃଷ୍ଟି କରିଛି। ଦଳ ରାଜ୍ୟରେ କ୍ଷମତା ପୂର୍ବରୁ ଦଖଲ କରି ସାରିଥିବା ବେଳେ ଏବେ ଟିଏମସି ନିୟନ୍ତ୍ରିତ ନଗର ନିଗମଗୁଡ଼ିକରେ ନିଜ ପ୍ରଭାବ ବୃଦ୍ଧି କରିବାକୁ ସମ୍ଭାବନା ସୃଷ୍ଟି ହୋଇଛି। ଟିଏମସିରେ ସଙ୍କଟ ଏତେ ଗୁରୁତର ହୋଇ ଯାଇଛି ଯେ ଆସନ୍ତାବର୍ଷର ନଗର ନିଗମ ନିର୍ବାଚନ ପୂର୍ବରୁ କିଛି ବୋର୍ଡ ଭାଙ୍ଗି ଯିବାର ଆଶଙ୍କା ପ୍ରକାଶ ପାଇଛି। କୋଲକାତା ମେୟର ଫିରହଦ ହକିମ ନିଜର ପଦ ଛାଡ଼ିବାକୁ ମଧ୍ୟ ଇଚ୍ଛା ପ୍ରକାଶ କରିଥିବା ସୂଚନା ମିଳିଛି। ହକିମ ହେଉଛନ୍ତି ମମତାଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ। ମମତା କାଉନସିଲମାନଙ୍କୁ ପଳାୟନ ନ କରିବାକୁ ଅନୁରୋଧ କରିଥିଲେ। ତଥାପି ସେମାନେ ଦଳ ସହ ସମ୍ପର୍କଚ୍ଛିନ୍ନ କରିବାରେ ଲାଗିଛନ୍ତି। ଏହାର ଅର୍ଥ ୧୯୯୮ରେ କଂଗ୍ରେସରୁ ଅଲଗା ହୋଇ ଦଳ ଗଠନ କରିଥିବା ମମତାଙ୍କ ଟିଏମସି ନିଜ ଇତିହାସର ସବୁଠାରୁ ବଡ଼ ସଙ୍କଟର ସାମ୍ନା ଏବେ କରୁଛି। ଇସ୍ତଫା ପରମ୍ପରା ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ସରକାର ଘୋଷଣା କରିଥିଲେ ଯେ ନଗର ନିଗମଗୁଡ଼ିକର ସମସ୍ତ ପୁରୁଣା କାର୍ଯ୍ୟକଳାପର ତଦନ୍ତ କରାଯିବ। ଏହା ଶୁଣିବା ପରେ କିଛି ପୌରପାଳିକାର କାଉନସିଲରମାନେ ଅଫିସ ଯିବା ବନ୍ଦ କରି ଦେଇଛନ୍ତି। ସେଭଳି ନଗର ନିଗମରେ ସରକାର ପ୍ରଶାସନିକ ଅଧିକାରୀଙ୍କୁ ମଧ୍ୟ ନିଯୁକ୍ତ କରୁଛନ୍ତି। ସେହିପରି ଦୁର୍ନୀତି ଓ ଅତ୍ୟାଚାର ଅଭିଯୋଗରେ କିଛି କାଉନସିଲର ଗିରଫ ହେବା ଅନ୍ୟମାନଙ୍କ ମନରେ ଛନକାକୁ ଆହୁରି ବଢ଼ାଇ ଦେଇଛି। ଦକ୍ଷିଣ ଦମଦର ପ୍ରଭାବଶାଳୀ କାଉନସିଲର ସଞ୍ଜୟ ଦାସଙ୍କ ରହସ୍ୟମୟ ମୃତ୍ୟୁ ମଧ୍ୟ ପରିସ୍ଥିତିକୁ ଆହୁରି ଜଟିଳ କରିଛି। ମେ’ ୨୩ରେ ରହସ୍ୟଜନକ ଭାବେ ପ୍ରାଣ ହରାଇଥିବା ସଞ୍ଜୟ ହେଉଛନ୍ତି ଟିଏମସି ନେତା ଦେବରାଜ ଚକ୍ରବର୍ତ୍ତୀଙ୍କ ଘନିଷ୍ଠ ସହଯୋଗୀ। ସଞ୍ଜୟଙ୍କ ବିରୋଧରେ ଦୁର୍ନୀତି ଓ ଧମକାଇବା ଭଳି ଅଭିଯୋଗ ରହିଥିଲା। ହେଲେ ମେ’ ୨୩ରେ ତାଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ଉତ୍ତର ୨୪ ପ୍ରଗଣାର ଏକାଧିକ ପୌରପାଳିକାରେ ସ୍ଥିତି ସବୁଠାରୁ ଅଧିକ ଜଟିଳ ରହିଛି। ଭାଟପରାରେ ୩୫ରୁ ୩୦ ଜଣ କାଉନସିଲର ଇସ୍ତଫା ଦେଇଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତ ଅଧ୍ୟକ୍ଷ ରେବା ରାହା। ନିକଟସ୍ଥ ହାଲିସହରରେ ୨୩ରୁ ୧୬ ଜଣ ଓ କାଞ୍ଚନପରାର ୧୪ ଜଣ କାଉନସିଲର ନିଜର ପଦ ଛାଡ଼ି ଦେଇଛନ୍ତି। ଟିଏମସି ନିୟନ୍ତ୍ରିତ କୋଲକାତା ନଗର ନିଗମ ବା କେଏମସିରେ ମଧ୍ୟ ସ୍ଥିତି ଜଟିଳ। ଅଭିଷେକ ବାନାର୍ଜୀଙ୍କ ସହ ଜଡ଼ିତ ୧୭ଟି ସମ୍ପତ୍ତିକୁ ଭାଙ୍ଗିବା ପାଇଁ କେଏମସି ନୋଟିସ ହୋଇଛି। ନୋଟିସ ଦିଆଯିବା ପରେ ସଙ୍କଟ ଆହୁରି ଗଭୀର ହୋଇଛି। ମେୟର ଫିରହାଦ ହକିମ ଓ ଅଭିଷେକଙ୍କ ମଧ୍ୟରେ ମତଭେଦ ଥିବା କଥା ସ୍ପଷ୍ଟ ହୋଇଛି। ତେଣୁ ହକିମ ମେୟର ପଦରୁ ଇସ୍ତଫା ଦେବାକୁ ବିଚାର କରୁଥିବା କୁହାଯାଉଛି।

## ମହିଳାଙ୍କ ଇବୋଲା ରିପୋର୍ଟ ନେଗେଟିଭ

ବେଙ୍ଗାଲୁରୁ : ୟୁଗାଣ୍ଡାରୁ ଭାରତ ଫେରିଥିବା ମହିଳାଙ୍କ ଇବୋଲା ଯାଞ୍ଚ ରିପୋର୍ଟ ନେଗେଟିଭ ଆସିଛି । ମହିଳାଙ୍କ ଶରୀରରେ ଇବୋଲା ଭଳି ସାମାନ୍ୟ ଲକ୍ଷଣ ଦେଖାଦେବା ପରେ ତାଙ୍କୁ ହସପିଟାଲରେ ଆଇସୋଲେସନରେ ରଖାଯାଇଥିଲା । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମୁତାବକ, ରୋଗୀଙ୍କ ଅବସ୍ଥା ସାମାନ୍ୟ ରହିଛି । ଶରୀରରେ ହାଲକା ଦରଜ ସହିତ ଅନ୍ୟ କୌଣସି ଗମ୍ଭୀର ଲକ୍ଷଣ ନାହିଁ । ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି ଯେ, ମହିଳାଙ୍କ ଠାରୁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପୁଣେର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଘଓଠ) କୁ ପଠାଯାଇଥିଲା । ରିପୋର୍ଟ ନେଗେଟିଭ ଆସିଛି । କେମ୍ପେଗୌଡା ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିବା ଜଣେ ୨୮ ବର୍ଷୀୟା ଉଗାଣ୍ଡା ମହିଳାଙ୍କୁ ବେଙ୍ଗାଲୁରୁର ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମେ ୧୭ ତାରିଖରେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କଙ୍ଗୋ ଏବଂ ଉଗାଣ୍ଡାରେ ବ୍ୟାପିଥିବା ଇବୋଲା ପ୍ରକୋପକୁ ଆନ୍ତର୍ଜାତୀୟ ଜନସ୍ୱାସ୍ଥ୍ୟ ଜରୁରୀକାଳୀନ ଘୋଷଣା କରିଛି । ଏହି ଘୋଷଣା ପରେ ଅନେକ ଦେଶ ସେମାନଙ୍କର ସତର୍କତା ଆଲର୍ଟ ଜାରି କରିଛନ୍ତି । ଏହି ଘଟଣା ପରେ କର୍ଣ୍ଣାଟକ ସ୍ୱାସ୍ଥ୍ୟ ବିଭାଗ ଗତ ଶୁକ୍ରବାର ଏକ ପରାମର୍ଶ ଜାରି କରିଛି । ପରାମର୍ଶରେ ଇବୋଲା ପ୍ରଭାବିତ ଆଫ୍ରିକୀୟ ଦେଶଗୁଡ଼ିକରୁ ଫେରିଥିବା ବ୍ୟକ୍ତିମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିବାକୁ ଏବଂ ୨୧ ଦିନ ପର୍ଯ୍ୟନ୍ତ ନିଜକୁ ପର୍ଯ୍ୟବେକ୍ଷଣରେ ରଖିବାକୁ ଅନୁରୋଧ କରାଯାଇଛି । ସ୍ୱାସ୍ଥ୍ୟ ବିଭାଗ ଆହୁରି ପରାମର୍ଶ ଦେଇଛି ଯେ ଯଦି କୌଣସି ବ୍ୟକ୍ତି ଜ୍ୱର, ଶରୀର ଯନ୍ତ୍ରଣା କିମ୍ବା ଅନ୍ୟାନ୍ୟ ସନ୍ଦେହଜନକ ଲକ୍ଷଣ ଭଳି ଲକ୍ଷଣ ଦେଖାଦିଏ, ତେବେ ସେମାନେ ତୁରନ୍ତ ନିକଟତମ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରିବା ଉଚିତ।

## ଏବେ ୫ ଟଙ୍କାରେ ମିଳିବ ଭାତ-ମାଛ : ଶୁଭେନ୍ଦୁ

କୋଲକତା : ଓଡ଼ିଶା ଭଳି କୋଲକତାରେ ମିଳିବ ୫ ଟଙ୍କିଆ ମିଲ୍ । ହେଲେ ଭାତ ଡାଲମା ନୁହେଁ ବରଂ ଭାତ-ମାଛ ମିଳିବ । ଏନେଇ ଘୋଷଣା କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ । ରାଜ୍ୟର ଥିବା ୪୦୦ଟି ସ୍ୱତନ୍ତ୍ର କ୍ୟାଣ୍ଟିନରେ ୫ ଟଙ୍କାରେ ମାଛ-ଭାତ ଯୋଗାଇ ଦିଆଯିବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘୋଷଣା କରିଛନ୍ତି । କଲ୍ୟାଣୀରେ ଆୟୋଜିତ ଏକ ପ୍ରଶାସନିକ ବୈଠକରେ ଲୋକଙ୍କୁ ସମ୍ବୋଧନ କରି ଅଧିକାରୀ କହିଛନ୍ତି ଯେ, ସବସିଡିଯୁକ୍ତ ଖାଦ୍ୟ ପୁରା ପଶ୍ଚିମବଙ୍ଗରେ ସ୍ଥାପିତ ସ୍ୱତନ୍ତ୍ର ଭାବରେ ନିର୍ଦ୍ଦିଷ୍ଟ କ୍ୟାଣ୍ଟିନ ମାଧ୍ୟମରେ ଯୋଗାଇ ଦିଆଯିବ । ପଶ୍ଚିମବଙ୍ଗରେ ମମତା ସରକାର ସମୟରେ କ୍ୟାଣ୍ଟିନ ହୋଇଥିଲା । ଏଠାରେ ୫ ଟଙ୍କା ଅଣ୍ଡା-ଭାତ ମିଳୁଥିଲା । କିନ୍ତୁ ଏବେ ଶ୍ରମିକ ଠାରୁ ଆରମ୍ଭ କରି ଅଟୋ ରିକ୍ସା ଚଲାଉଥିବା ଲୋକ ମଧ୍ୟ ୫ ଟଙ୍କାରେ ଭାତ-ମାଛ ଖାଇପାରିବ । ଶୁଭେନ୍ଦୁଙ୍କ ଏହି ଘୋଷଣା ଟିଏମସିର ଅଭିଯୋଗର ଉତ୍ତର ଦେବାକୁ କରାଯାଇଥିବା କୁହାଯାଉଛି ।

# ମମତାଙ୍କୁ ଶକ୍ତ ଝଟ୍‌କା: ଟିଏମ୍‌ସିର ସମସ୍ତ ପଦରୁ ଇସ୍ତଫା ଦେଲା ଟାଣୁଆ ନେତା କାକୋଲି ଘୋଷ, ବିଜେପିରେ ହୋଇପାରନ୍ତି ସାମିଲ୍



କୋଲକାତା: ପଶ୍ଚିମବଙ୍ଗ ବିଜେପି କ୍ଷମତାକୁ ଆସିବା ପରେ ମମତାଙ୍କ ଟିଏମ୍‌ସି ଦୁର୍ଗ ଦିନକୁ ଦିନକ ଦୁର୍ବଳ ହେବାରେ ଲାଗିଛି। ସ୍ଥାନୀୟ ନେତାଙ୍କ ଠାରୁ ଆରମ୍ଭ କରି କାଉନସିଲର, ସାଂସଦ, ବିଧାୟକଙ୍କମାନେ ଦଳ ଛାଡୁଛନ୍ତି କିମ୍ବା ଦଳ ଛାଡ଼ି ବିଜେପିରେ ମିଶିବା ଖବର ସାମ୍ନାକୁ ଆସୁଛି। ବୁଧବାର ଏକ ବଡ଼ ଅପଡେଟ୍ ଖବର ସାମ୍ନାକୁ ଆସିଛି। ଟିଏମ୍‌ସିର ଟାଣୁଆ ନେତା ତଥା ୪ ଥରର ସାଂସଦ ହୋଇଥିବା କାକୋଲି ଘୋଷ ଦସ୍ତିଦାର ଟିଏମ୍‌ସିର ସମସ୍ତ ପଦରୁ ଇସ୍ତଫା ଦେଇଛନ୍ତି।

ବାରାସାତର ସାଂସଦ କାକୋଲି ଘୋଷ ଦସ୍ତିଦାର ଦଳର ସମସ୍ତ ସାଂଗଠନିକ ପଦବୀରୁ ଇସ୍ତଫା ଦେଇଛନ୍ତି। ବିଜେପି ନେତୃତ୍ୱାଧୀନ ସରକାରର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଦ୍ୱାରା ଆୟୋଜିତ ଏକ ପ୍ରଶାସନିକ ସମୀକ୍ଷା ବୈଠକରେ ଯୋଗଦେବାର ମାତ୍ର ଗୋଟିଏ ଦିନ ପରେ ସେ ଏହି ପଦକ୍ଷେପ ନେଇଛନ୍ତି। ତାଙ୍କର ଏହି ନିଷ୍ପତ୍ତି ପରେ ସେ ଟିଏମସି ଛାଡ଼ି ବିଜେପିରେ ଯୋଗ ଦେଇପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଗତ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସର ଶୋଚନୀୟ ପରାଜୟ ପରେ ଦଳ ମଧ୍ୟରେ ଅନ୍ତଦ୍ୱନ୍ଦ୍ୱ ଚରମ ସୀମାରେ ପହଞ୍ଚିଛି। ନିଜ ନିର୍ବାଚନ ମଣ୍ଡଳୀରେ ଦଳର ଖରାପ ପ୍ରଦର୍ଶନ ପାଇଁ ’ନୈତିକ ଦାୟିତ୍ୱ’ ଗ୍ରହଣ କରି ପ୍ରଥମେ ସେ ବାରାସାତ ସାଂଗଠନିକ ଜିଲ୍ଲା ସଭାପତି ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ମଙ୍ଗଳବାର ଦିନ କଲକାତା ନିକଟସ୍ଥ କଲ୍ୟାଣୀଠାରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେରିଟେଜ୍ ଓ ବିକାଶମୂଳକ କାର୍ଯ୍ୟର ସମୀକ୍ଷା ବୈଠକରେ ସେ ସାମିଲ ହୋଇଥିଲେ। ଏହି ବୈଠକରେ ନଦିଆ, ଉତ୍ତର ୨୪ ପ୍ରଗଣା ଏବଂ ହୁଗୁଳି ଜିଲ୍ଲାର ସମସ୍ତ ସାଂସଦ ଓ ବିଧାୟକଙ୍କୁ ନିମନ୍ତ୍ରଣ କରାଯାଇଥିଲା। କାକୋଲିଙ୍କ ସହ ଟିଏମସିର ଅନ୍ୟ ୬ ଜଣ ବିଧାୟକ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ।

ଶୁଭେନ୍ଦୁ ଅଧିକାରୀଙ୍କ ମଞ୍ଚରେ ତାଙ୍କର ଉପସ୍ଥିତିକୁ ନେଇ ସୃଷ୍ଟି ହୋଇଥିବା ଚର୍ଚ୍ଚା ଉପରେ ସଫେଇ ଦେଇ କାକୋଲି ଘୋଷ ଦସ୍ତିଦାର କହିଛନ୍ତି, ‘ଏହାକୁ ରାଜନୈତିକ ରଙ୍ଗ ଦିଆଯିବା ଉଚିତ ନୁହେଁ। ପ୍ରଶାସନ ସମସ୍ତଙ୍କର ଏବଂ ଅଞ୍ଚଳର ବିକାଶ ପାଇଁ ବୈଠକରେ ଯୋଗଦେବା ଜରୁରୀ ଥିଲା।‘ ମାତ୍ର ସେ ପୂର୍ବରୁ ଦଳର ସାଂଗଠନିକ ପଦବୀ ଛାଡ଼ି ସାରିଥିବାରୁ ଏବଂ ପାର୍ଲାମେଣ୍ଟାରୀ ପାର୍ଟିର ଚିଫ୍ ହ୍ୱିପ୍ ପଦରୁ ତାଙ୍କୁ ହଟାଇ କଲ୍ୟାଣ ବାନାର୍ଜୀଙ୍କୁ ନିଯୁକ୍ତ କରାଯାଇଥିବାରୁ ସେ ଦଳର ଶୀର୍ଷ ନେତୃତ୍ୱ ଉପରେ ଅସନ୍ତୁଷ୍ଟ ଥିବା ସ୍ପଷ୍ଟ ଜଣାପଡୁଛି।

ଇସ୍ତଫା ଦେବା ସହ କାକୋଲି ଘୋଷ ଦସ୍ତିଦାର ଦଳର ଆଭ୍ୟନ୍ତରୀଣ ବ୍ୟବସ୍ଥା ଏବଂ ନିର୍ବାଚନ ପରିଚାଳନା କରୁଥିବା ସଂସ୍ଥା ଓ-ଚଇଉ ଉପରେ ଗୁରୁତର ଅଭିଯୋଗ ଆଣିଛନ୍ତି। ରାଜ୍ୟ ଦଳୀୟ ସଭାପତି ସୁବ୍ରତ ବକ୍ସିଙ୍କୁ ଲେଖିଥିବା ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ଓ-ଚଇଉ ର କର୍ମଚାରୀମାନେ ଦଳର ପୁରୁଣା ଓ ତୃଣମୂଳ ସ୍ତରର କର୍ମୀଙ୍କ ସହ ଅତି ଖରାପ ବ୍ୟବହାର କରିଛନ୍ତି। ସେମାନେ ନେତାମାନଙ୍କ ଉପରେ ଅଯଥା ଚାପ ସୃଷ୍ଟି କରୁଥିଲେ, ଯାହା କାର୍ଯ୍ୟ କରିବାର ସଠିକ୍ ଶୈଳୀ ନୁହେଁ। ଏହି ସଂସ୍ଥା ଯେଉଁଠାକୁ ବି ଯିବ, ନିର୍ବାଚନରେ ସେଠାରେ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ସେ ଚେତାବନୀ ଦେଇଛନ୍ତି।

ଏହା ବ୍ୟତୀତ ସେ ଦଳରେ ବ୍ୟାପିଥିବା ଅପରାଧୀକରଣ ଓ ଦୁର୍ନୀତିକୁ ନେଇ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ନିକଟ ଅତୀତରେ ପଶ୍ଚିମବଙ୍ଗରେ ଘଟିଥିବା କେତେକ ଦୁର୍ନୀତି ଓ ଅପରାଧିକ ଘଟଣା ସାଧାରଣ ଜନତାଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେ ମମତା ବାନାର୍ଜୀଙ୍କୁ ପୁଣିଥରେ ସ୍ୱଚ୍ଛତା ଓ ଜବାବଦେହିତା ଫେରାଇ ଆଣିବା ସହ ଦଳର ପୁରୁଣା, ସ୍ୱଚ୍ଛ ଭାବମୂର୍ତ୍ତି ସମ୍ପନ୍ନ ଓ ଉତ୍ସର୍ଗୀକୃତ କର୍ମୀଙ୍କ ଉପରେ ଭରସା କରିବାକୁ ଅନୁରୋଧ କରିଛନ୍ତି। ଟିଏମସି ଆସନ ସଂଖ୍ୟା ହ୍ରାସ ପାଇ ୮୦ ରେ ପହଞ୍ଚିବାକୁ ସେ ସହଜରେ ଗ୍ରହଣ କରିପାରୁନାହାନ୍ତି ବୋଲି କହିଛନ୍ତି।

ତାଙ୍କ ପୁଅ ବୈଦ୍ୟନାଥ ଘୋଷ ଦସ୍ତିଦାର ଏହି ପ୍ରସଙ୍ଗରେ କହିଛନ୍ତି ଯେ, ତାଙ୍କ ମା’ ଆଗାମୀ ଦିନରେ ସାଂସଦ ପଦରୁ ମଧ୍ୟ ଇସ୍ତଫା ଦେଇପାରନ୍ତି। ତେବେ ସେ ବିଜେପିରେ ଯୋଗଦେବା ନେଇ ଚାଲିଥିବା ଖବରକୁ ସେ ଅସ୍ୱୀକାର କରିଛନ୍ତି ଏବଂ ଏହି ଲଢ଼େଇ କେବଳ ଦୁର୍ନୀତି ବିରୋଧରେ ବୋଲି ସ୍ପଷ୍ଟ କରିଛନ୍ତି।

ପଶ୍ଚିମବଙ୍ଗରେ କେବଳ ସାଂସଦ ନୁହନ୍ତି, ବରଂ ତୃଣମୂଳ ସ୍ତରରେ ଦଳ ଭୁଶୁଡ଼ିବାକୁ ବସିଛି। ସରକାର ବଦଳିବା ପରେ ପୌରପାଳିକାଗୁଡ଼ିକର ପୁରୁଣା ଆର୍ଥିକ କାର୍ଯ୍ୟକଳାପର ଯାଞ୍ଚ କରାଯିବ ବୋଲି ଶୁଭେନ୍ଦୁ ସରକାର ଘୋଷଣା କରିବା ପରେ ଦଳରେ କମ୍ପନ ସୃଷ୍ଟି ହୋଇଛି। ବିଭିନ୍ନ ପୌରପାଳିକାରୁ ପ୍ରାୟ ୧୦୦ ରୁ ଅଧିକ ଟିଏମସି କାଉନସିଲର ଗଣ-ଇସ୍ତଫା ଦେଇଛନ୍ତି। ବିଶେଷ କରି ଭାଟପଡ଼ା, ହାଲିସହର ଏବଂ କାଞ୍ଚରାପଡ଼ା ପୌରପାଳିକାର ସଂଖ୍ୟାଧିକ କାଉନସିଲର ପଦ ପ୍ରତି ଗୁରୁତର ସଙ୍କଟ ଦେଖାଦେଇଛି। କେତେକ ସ୍ଥାନରେ କାଉନସିଲରମାନେ ଅଫିସ ଯିବା ମଧ୍ୟ ବନ୍ଦ କରିଦେଇଛନ୍ତି। ଏହାସହ କଲକାତା ମ୍ୟୁନିସିପାଲ କର୍ପୋରେସନ (କଗଉ) ପକ୍ଷରୁ ଅଭିଷେକ ବାନାର୍ଜୀଙ୍କ ସହ ଜଡ଼ିତ ୧୭ଟି ବେଆଇନ ସମ୍ପତ୍ତିକୁ ଭାଙ୍ଗିବା ପାଇଁ ନୋଟିସ ଜାରି ହେବା ପରେ ଦଳୀୟ କନ୍ଦଳ ଆହୁରି ଉଗ୍ର ରୂପ ନେଇଛି।

# ବୈଭବଙ୍କୁ ଗାଙ୍ଗୁଲିଙ୍କ ପରାମର୍ଶ





ନୂଆଦିଲ୍ଲୀ: ବିସ୍ମୟ ବାଳକ ବେଭବ ସୂର୍ଯ୍ୟବଂଶୀଙ୍କୁ ନେଇ ଯୁବ କ୍ରିକେଟ୍‌ରଙ୍କ ମଧ୍ୟରେ ଚର୍ଚ୍ଚା ଧରିଛି। ୧୫ ବର୍ଷୀୟ ଏହି ଖେଳାଳି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଏଭଳି ଖେଳିଛନ୍ତି, ଯାହା ଦ୍ୱାରା ଅନେକଗୁଡିଏ ରେକର୍ଡ ଭାଙ୍ଗିଯାଇଛି। ବେଭବ ସୂର୍ଯ୍ୟବଂଶୀ ଅଧିକାଂଶ ମ୍ୟାଚ୍‌ରେ କିଛି ନୂଆ କରି ଦେଖାଇଛନ୍ତି। ଏବେ ତାଙ୍କୁ ଭାରତୀୟ ଟିମ୍‌ରେ ସାମିଲ କରାଯିବାକୁ ନେଇ ବିଭିନ୍ନ ମହଲରେ ଦାବି ହେଉଛି। ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ସେରଭ ଗାଙ୍ଗୁଲି ଏବେ ବେଭବଙ୍କୁ ନେଇ ଏକ ବଡ ବୟାନ ଦେଇଛନ୍ତି।

ଜାତୀୟ ଗଣମାଧ୍ୟମକୁ ଏକ ସାକ୍ଷାତକାରରେ ବେଭବଙ୍କୁ ପ୍ରଶଂସା କରି ଗାଙ୍ଗୁଲି କହିଛନ୍ତି, ବିସ୍ମୟ ବାଳକ ଜଣେ ପ୍ରତିଭାସମ୍ପନ୍ନ ଖେଳାଳି। ବିହାରର ଏହି ଯୁବ ପ୍ରତିଭାଙ୍କ ପାଖରେ ଖେଳିବାର କଳା ଥିଲେ ମଧ୍ୟ ଟେଷ୍ଟ କ୍ରିକେଟ୍ ପାଇଁ ଆଉ କିଛି ସମୟ ଅପେକ୍ଷା କରିବାକୁ ହେବ। ଗାଙ୍ଗୁଲି କହିଛନ୍ତି, ବେଭବଙ୍କୁ ତୁରନ୍ତ ଟି୨୦ରେ ସାମିଲ କରାଯିବା ଉଚିତ। କିନ୍ତୁ ଟେଷ୍ଟରେ ନାହିଁ। ଟେଷ୍ଟରେ ସ୍ଥାନ ରଖିବା ପାଇଁ ତାଙ୍କୁ ଘରୋଇ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ରନ୍ ସଂଗ୍ରହ କରିବାକୁ ହେବ। ମାତ୍ର ବେଭବ ଜଣେ ପ୍ରତିଭାଶାଳୀ ଖେଳାଳି। ୧୫ ବର୍ଷୀୟ ବାଳକ ବିଶ୍ୱର ପ୍ରସିଦ୍ଧ ବୋଲରଙ୍କୁ ମୁକାବିଲା କରିବା ସହିତ ସାହସର ସହିତ ବ୍ୟାଟିଂ କରିବା ଅଦ୍ଭୁତ। ସେ ହେଉଛନ୍ତି ଭାରତର ଭବିଷ୍ୟତ।

ସାକ୍ଷାତକାର ସମୟରେ ଗାଙ୍ଗୁଲିଙ୍କୁ ରଣଜୀ ଟ୍ରଫିରେ ଦମଦାର ପ୍ରଦର୍ଶନ କରିଥିବା ଆକିବ ନବୀ ଏବଂ ପ୍ରିନ୍ସ ଯାଦବଙ୍କୁ ଟିମ୍‌ରେ ସାମିଲ କରାଯିବା ନେଇ ପ୍ରଶ୍ନ ପଚରାଯାଇଥିଲା। ଜବାବରେ ସେ ଉଭୟ ଖେଳାଳିଙ୍କ ସପକ୍ଷରେ କହିଥିଲେ। ଚୟନକର୍ତ୍ତାଙ୍କ ସପକ୍ଷରେ ପୂର୍ବତନ ଅଧିନାୟକ କହିଥିଲେ, ଆକିବ ନବୀଙ୍କୁ ଟିମ୍ ଦରକାର କରୁଥଇଲା। ସେ ରଣଜୀ ଟ୍ରଫିରେ ଭଲ ବୋଲିଂ କରିଛନ୍ତି। ପ୍ରିନ୍ସ ଯାଦବ ଜଣେ ପ୍ରତିଭାସମ୍ପନ୍ନ ଖେଳାଳି। ମୋ ମତରେ ପ୍ରିନ୍ସ ଯାଦବଙ୍କୁ ସୁଯୋଗ ଦେଇ ଚୟନକର୍ତ୍ତାମାନେ ବହୁତ ଭଲ କାମ କରିଛନ୍ତି। ମୋର ହିସାବରେ ଉଭୟ ଖେଳାଳିଙ୍କୁ ଟିମ୍‌ରେ ଚୟନ କରାଯିବାର ଥିଲା।

# ଫାଇନାଲରେ ଆରସିବି, ୯୨ ରନ୍‌ରେ ହାରିଲା ଗୁଜରାଟ



ଧର୍ମଶାଳା, ୨୭।୫: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ପ୍ରଥମ କ୍ୱାଲିଫାୟରରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦମଦାର ପ୍ରଦର୍ଶନ କରିଛି। ଉଭୟ ବ୍ୟାଟିଂ ଏବଂ ବୋଲିଂ କ୍ଷେତ୍ରରେ ଚମତ୍କାର ପ୍ରଦର୍ଶନ ସହ ଗୁଜରାଟ ଟାଇଟନ୍ସକୁ ରନ୍‌ରେ ପରାସ୍ତ କରିଛି। ଏଥି ସହିତ ରଜତ ପାଟିଦାରଙ୍କ ବାହିନୀ ଟୁର୍ଣ୍ଣାମେଣ୍ଟର ଫାଇନାଲ ପାଇଁ ଟକଟ ହାତେଇଛି। ଧର୍ମଶାଳାସ୍ଥିତ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ ଟସ୍ ଜିଣି ଗୁଜରାଟ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ବେଙ୍ଗାଲୁରୁ ବ୍ୟାଟିଂ କରିଥିଲା। ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୫୪ ରନ୍ ସଂଗ୍ରହ କରିଥିଲା।

ଶୁଭମନ ଗିଲ୍‌ଙ୍କ ଟିମ୍ ୨୫୫ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା, ଯେଉଁଥିରେ ପରବର୍ତ୍ତୀ ସମୟରେ ମଧ୍ୟ ସୁଧାର ଆସିନଥିଲା। ସ୍କୋର ୫୧ ରନ୍‌ରେ ଆଗାଧାଡିର ୫ଜଣ ଖେଳାଳି ଆଉଟ୍ ହୋଇସାରିଥିଲେ। ଗୁଜରାଟ ୧୯.୩ ଓଭରରେ ସମସ୍ତ ୱିକେଟ ହରାଇ ୧୬୨ ରନ୍ କରିଛି। ଫଳରେ ଦଳ ୯୨ ରନ୍‌ରେ ପରାସ୍ତ ହୋଇଛି।

ଗୁଜରାଟ ସ୍କୋର ୧୭ ରନ୍‌ରେ ସାଇ ସୁଦର୍ଶନ, ୨୭ ରନ୍‌ରେ ଶୁଭମନ ଗିଲ, ୫୧ ରନ୍‌ରେ ଜୋସ ବଟଲ, ନିଶାନ୍ତ ସିନ୍ଧୁ ଏବଂ ଜେସନ ହୋଲ୍ଡର ଆଉଟ୍ ହୋଇଥିଲେ। ସେହିପରି ୬୫ ରନ୍‌ରେ ୱାସିଂଟନ ସୁନ୍ଦର, ୭୮ ରନ୍‌ରେ ରସିଦ ଖାନ ଏବଂ ୮୮ ରନ୍‌ରେ କାଗିସୋ ରାବଡା ଆଉଟ୍ ହୋଇଥିଲେ।

ଗୁଜରାଟ ପାଇଁ ରାହୁଲ ତେୱାଟିଆ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ଅର୍ଦ୍ଧଶତକ ହାସଲ କରିଥିଲେ। ଜୋସ ବଟଲର ୨୯ ରନ୍ ଏବଂ ସାଇ ସୁଦର୍ଶନ ୧୪ ରନ୍ ସଂଗ୍ରହ କରିଥିଲେ। ଅନ୍ୟ ବ୍ୟାଟରଙ୍କ ପ୍ରଦର୍ଶନ ନେରାଶ୍ୟଜନକ ଥିଲା।

ବେଙ୍ଗାଲୁରୁ ପାଇଁ ଅଧିନାୟକ ରଜତ ପାଟିଦାର ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୩୩ଟି ବଲ୍ ଖେଳି ଅପରାଜିତ ୯୩ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୫ଟି ଚେକା ଏବଂ ୯ଟି ଛକା ସାମିଲ ଥିଲା। ବିରାଟ କୋହଲି ୨୫ଟି ବଲ୍ ଖେଳି ୫ଟି ଚେକା ଏବଂ ଗୋଟିଏ ଛକା ବଳରେ ୪୩ ରନ୍ କରିଥିଲେ। ସେହିପରି କ୍ରୁଣାଳ ପାଣ୍ଡ୍ୟା ୨୮ଟି ବଲ୍ ଖେଳି ୫ଟି ଚେକା ଏବଂ ୨ଟି ଛକା ବଳରେ ୪୩ ରନ୍ କରିଥିଲେ। ଦେବଦୂତ୍ତ ପଡ୍ଡିକଲ ୩୦ ରନ୍, ଭେଙ୍କଟେଶ ଆୟର ୧୯ ରନ୍ ଏବଂ ଜିତେଶ ଶର୍ମା ଅପରାଜିତ ୧୫ ରନ୍ କରିଥିଲେ।

# ରାଜ୍ୟ ଯୋଗାସନ ଚାମ୍ପିୟନସିପ୍‌ରେ କେନ୍ଦ୍ରାପଡ଼ା ଦଳ ରନର୍ସଅପ୍

କେନ୍ଦ୍ରାପଡ଼ା, ୨୭।୫: ରାୟଗଡ଼ାସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଆୟୋଜିତ ୭ମ ରାଜ୍ୟ ଯୋଗାସନ ଚାମ୍ପିୟନସିପ୍ ୨୦୨୬-୨୭ ରେ କେନ୍ଦ୍ରାପଡ଼ା ଜିଲ୍ଲା ଉଲ୍ଲେଖନୀୟ ସଫଳତା ହାସଲ କରି ସାରା ରାଜ୍ୟରେ ରନର୍ସ ଅପ୍ (ଦ୍ୱିତୀୟ ସ୍ଥାନ) ଅଧିକାର କରିଛି।ଏହି ପ୍ରତିଯୋଗିତାରେ କେନ୍ଦ୍ରାପଡ଼ାରୁ ମୋଟ ୧୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ସେମାନେ ଉତ୍କୃଷ୍ଟ ପ୍ରଦର୍ଶନ କରି ୯ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଏବଂ ୫ଟି କାଂସ୍ୟ ପଦକ ସହ ମୋଟ ୨୪ଟି ପଦକ ଅର୍ଜନ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେଥିମଧ୍ୟରୁ ୪ ଜଣ ଖେଳାଳି ଜାତୀୟ ସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।ଦଳର



ସଫଳତାରେ କୋଚ୍ ଭାବେ ପଦ୍ମଲୋଚନ ଦାସ ଏବଂ ମାନସ ରଞ୍ଜନ ଓଝା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବାବେଳେ, ଭରତ କୁମାର ସାହୁ ମ୍ୟାନେଜର ଭାବେ ଖେଳାଳିମାନଙ୍କୁ ସହଯୋଗ ଓ ଉତ୍ସାହିତ କରିଥିଲେ। ଏହି ଅବସରରେ କୃତି ଯୋଗା ଚାମ୍ପିୟାନମାନଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍. ଆୟର ଆଜି ତାଙ୍କ ଅଫିସ କକ୍ଷରେ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ଏବଂ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେ କହିଥିଲେ ଯେ ଏହି ସଫଳତା ଜିଲ୍ଲାର କ୍ରୀଡା ପ୍ରତିଭା ଓ ନିରନ୍ତର ପରିଶ୍ରମର ପ୍ରତିଫଳ ଏବଂ ଏହା ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ।

ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ଜିଲ୍ଲା ଯୋଗାସନ ସଂଘର ସଭାପତି ନିରଞ୍ଜନ ବେହେରା, ସମ୍ପାଦକ ସଞ୍ଜୟ କୁମାର ମହାନ୍ତି ଏବଂ ଉପଦେଷ୍ଟା ସ୍ୱପ୍ନାଂଶୁ କୁମାର ଦାସ ଉପସ୍ଥିତ ଥିଲେ।

# ସୂର୍ଯ୍ୟବଂଶୀଙ୍କ କୀର୍ତ୍ତିମାନ

## ଗେଲଙ୍କ ଆଇପିଏଲ୍ ରେକର୍ଡ ଭାଙ୍ଗିଲେ

ନୂଆଦିଲ୍ଲୀ: ଛୋଟ ବୟସରେ ବଡ କୀର୍ତ୍ତିମାନ। ମାତ୍ର ୧୪ ବର୍ଷ ବୟସରେ ଆଇପିଏଲରେ ଡେବ୍ୟୁ କରିଥିବା ବୈଭବ ସୂର୍ଯ୍ୟବଂଶୀ ଏବେ ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି। ନିଜ କ୍ରିକେଟ କ୍ୟାରିୟରର ଦ୍ୱିତୀୟ ଆଇପିଏଲ ସଂସ୍କରଣରେ ସେ ବିଶ୍ୱର ବଡବଡ ବ୍ୟାଟର ଯାହା କରିପାରି ନଥିଲେ, ତା'ହା କରି ଦେଖାଇଛନ୍ତି।ଗୋଟିଏ ଆଇପିଏଲ ସିଜିନରେ ସର୍ବାଧିକ ଛକା ମାରିବାର ବିରଳ ରେକର୍ଡକୁ ସେ ଆଜି ନାଁରେ କରି ଦେଇଛନ୍ତି। ଗୋଟିଏ ଆଇପିଏଲରେ ସର୍ବାଧିକ ଛକା ମାରିବାର ରେକର୍ଡ ବିସ୍ଫୋରକ କ୍ରିସ ଗେଲଙ୍କ ନାଁରେ ରହିଥିଲା। ହେଲେ ଆଜି ସନ ରାଇଜରର୍ସ ହାଇଦ୍ରାବାଦ ୨୦୨୬ ଆଇପିଏଲ ଏଲିମିନେଟରରେ ବୈଭବ ଏହି ରେକର୍ଡକୁ ଅତିକ୍ରମ କରି ଯାଇଛନ୍ତି। ଗେଲ ୨୦୧୨ ଆଇପିଏଲର ଗୋଟିଏ ସଂସ୍କରଣରେ ସର୍ବାଧିକ ୫୯ଟି ଛକା ମାରି ରେକର୍ଡ ସୃଷ୍ଟି କରିଥିଲେ। ୧୩ ବର୍ଷ ଧରି ଏହାକୁ ବିଶ୍ୱର କୌଣସି ଖେଳାଳି ଭାଙ୍ଗି ପାରି ନଥିଲେ। ହେଲେ ୧୫



ବର୍ଷୀୟ ସୂର୍ଯ୍ୟବଂଶୀ ୨୦୨୬ରେ ଗେଲଙ୍କୁ ଅତିକ୍ରମ କରି ଯାଇଛନ୍ତି। ତେବେ ଗେଲଙ୍କ ଆଉ ଏକ ରେକର୍ଡ ଭାଙ୍ଗିବା ଠାରୁ ମାତ୍ର ୩ ରନ ଦୂରରେ ରହି ଯାଇଛନ୍ତି ସୂର୍ଯ୍ୟବଂଶୀ।ସେ ୨୯ ବଲରେ ୯୭ ରନର ଇନିଂସ ଖେଳିଛନ୍ତି। ଶତକ କରିପାରିଥିଲେ ସେ ଗେଲଙ୍କ ରେକର୍ଡ ଭାଙ୍ଗି ପାରି ଥାଆନ୍ତେ। କାରଣ ଆଇପିଏଲ ଇତିହାସରେ ଦ୍ରୁତତମ ଶତକ ରେକର୍ଡ ଗେଲଙ୍କ ନାଁରେ ରହିଛି। ସେ ୩୦ ବଲରେ ଶତକ ପୂରଣ କରିଥିଲେ। ହେଲେ ସୂର୍ଯ୍ୟବଂଶୀ ୨୯ ବଲରେ ୯୭ ରନ କରି ପ୍ରଫୁଲ ହିଙ୍ଗେଙ୍କ ବଲରେ ଆଉଟ ହୋଇ ଯାଇଛନ୍ତି।

ହିଙ୍ଗେଙ୍କ ଓଭରରେ ସେ ୩ଟି ଛକା ଓ ୨ଟି ଚୌକା ମାରିଥିଲେ। ହେଲେ ଶେଷ ବଲରେ ଛକା ମାରିବାକୁ ଯାଉ ପ୍ୟାଭିଲିୟନ ଫେରିଛନ୍ତି। ନିଜର ବିସ୍ଫୋରକ ଇନିଂସରେ ସେ ୧୨ଟି ଛକା ଓ ୫ଟି ଚୌକା ମାରିଛନ୍ତି।

ଆଜି ସନ ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍ ପୂର୍ବରୁ ଗେଲଙ୍କ ଛକା ରେକର୍ଡ ଠାରୁ ବୈଭବ ୭ଟି ଛକା ଦୂରରେ ରହିଥିଲେ। କିନ୍ତୁ ସେ ଏହାକୁ ପାୱାର ପ୍ଲେ ମଧ୍ୟରେ ହିଁ ଅତିକ୍ରମ କରି ଯାଇଛନ୍ତି। ୩.୨ ଓଭରରେ ସେ ସାକିବ ହୁସେନଙ୍କୁ ଛକା ମାରିବା କ୍ଷଣି ଗେଲ ପଛରେ ପଡି ଯାଇଥିଲେ। ଏହାପରେ ବି ସମାନ ଓଭରରେ ସେ ଆଉ ଗୋଟିଏ ଛକା ମାରିଥିଲେ। ଏଥିସହ ମାତ୍ର ୧୬ ବଲରେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ୨୦ରୁ କମ ବଲରେ ସୂର୍ଯ୍ୟବଂଶୀ ୫ମ ଥର ପାଇଁ ନିଜ ଆଇପିଏଲ କ୍ୟାରିୟରରେ ୫୦ ରନ ପୂରଣ କରିଛନ୍ତି। ସେହିପରି ଆଇପିଏଲ ନକଆଉଟ କିମ୍ବା ପାୱାର ପ୍ଲେରେ ଦ୍ରୁତତମ ଅର୍ଦ୍ଧାଶତକ ହାସଲ କରିବାରେ ସେ ସୁରେଶ ରାଇନାଙ୍କ ସମକକ୍ଷ ହୋଇଛନ୍ତି। ରାଇନା ୨୦୧୪ରେ ପଞ୍ଜାବ ବିପକ୍ଷ ପ୍ଲେଅଫରେ ମାତ୍ର ୧୬ ବଲରେ ୫୦ ରନ ପୂରଣ କରିଥିଲେ। ସୂର୍ଯ୍ୟବଂଶୀ ମଧ୍ୟ ସମାନ ୧୬ ବଲରେ ଆଜି ଅର୍ଦ୍ଧଶତକ ହାସଲ କରିଛନ୍ତି।

ଏହାବାଦ ପାୱାର ପ୍ଲେ ଅର୍ଥାତ ୧-୬ରୁ ଓଭର ମଧ୍ୟରେ ସର୍ବାଧିକ ଛକା ମାରିବାର ରେକର୍ଡ ମଧ୍ୟ ସୂର୍ଯ୍ୟବଂଶୀ ନିଜ ନାଁରେ କରି ଦେଇଛନ୍ତି। ସେ ଆଜି ପାୱାର ପ୍ଲେରେ ୮ଟି ଛକା ମାରିଛନ୍ତି। ଏହା ମଧ୍ୟରୁ ୪ଟି ଛକା ବିଶ୍ୱର ଅନ୍ୟତମ ସଫଳ ବୋଲର ପାଟ କମିନ୍ସଙ୍କ ଓଭରରୁ ଆସିଥିଲା।କମିନ୍ସଙ୍କ ପ୍ରଥମ ଓଭରରେ ସୂର୍ଯ୍ୟବଂଶୀ ଗୋଟିଏ ଛକା ମାରିଥିବା ବେଳେ ଦ୍ୱିତୀୟ ଓଭରରେ କ୍ରମାଗତ ୩ଟି ଛକା ମାରି ନିଜର ବିସ୍ଫୋରକ ରୂପ ଦେଖାଇଥିଲେ। ସେ ଶ୍ରୀଲଙ୍କାର ଇଶାନ ମାଲିଙ୍ଗାକୁ ମଧ୍ୟ ଛକା ମାରିବାକୁ ପଛାଇ ନାହାନ୍ତି।ସାକିବ ହୁସେନ ଓ ପ୍ରଫୁଲ ହିଙ୍ଗେ ମଧ୍ୟ ତାଙ୍କ ଆକ୍ରମଣରୁ ବର୍ତ୍ତି ନାହାନ୍ତି। ସୂର୍ଯ୍ୟବଂଶୀଙ୍କ ପୂର୍ବରୁ ପାୱାର ପ୍ଲେରେ ସର୍ବାଧିକ ଛକା ମାରିବାର ରେକର୍ଡ ସନତ ଜୟସୂରିୟାଙ୍କ ନାଁରେ ଥିଲା। ସେ ୨୦୦୮ ଚେନ୍ନାଇ ବିପକ୍ଷ ମ୍ୟାଚ୍‌ରେ ମୁମ୍ବାଇ ପାଇଁ ୭ଟି ଛକା ମାରିଥିଲେ।

## ଓଡ଼ିଶାରେ ଏସିଆନ୍ ଇନଡୋର ଆଥଲେଟିକ୍ସ ଚାମ୍ପିଅନସିପ୍

ଭୁବନେଶ୍ୱର, ୨୭/୦୫ : ଏସୀୟ ଇନଡୋର ଆଥଲେଟିକ୍ସ ଚାମ୍ପିଅନସିପ୍-୨୦୨୭ ଆୟୋଜନ କରିବ ଓଡିଶା। କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ଆଜି ହଂକଂରେ ଏସୀୟ ଆଥଲେଟିକ୍ସ କାଉନସିଲ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏନେଇ ଭାରତୀୟ ଖାଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହା ଭାରତ ଏବଂ ଓଡ଼ିଶା ପାଇଁ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ। ଓଡ଼ିଶା ବିଶ୍ୱସ୍ତରୀୟ କ୍ରୀଡା ଇଭେଣ୍ଟର ଆୟୋଜକ ଭାବରେ ନିଜର ସ୍ଥିତିକୁ ମଜବୁତ କରିଛି। ବିଶ୍ୱସ୍ତରୀୟ କ୍ରୀଡା କ୍ଷେତ୍ରରେ ଏହା ଓଡ଼ିଶାର ଆଉ ଏକ ଉପଲବ୍ଧି। ସେହିପରି ଚଣ୍ଡିଗଡ ୨୦୨୮ ଏସୀୟ ରିଲେ ଆୟୋଜନ କରିବ ବୋଲି ସୂଚନା ମିଳିଛି। ଏହା ପୂର୍ବରୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ରେ ୨୦୨୮ ବିଶ୍ୱ ଇନ୍‌ଡୋର ଆଥଲେଟିକ୍ସ ପ୍ରତିଯୋଗିତା ଆୟୋଜନ ହେବ ବୋଲି ଘୋଷଣା କରାଯାଇଛି। ଯାହାକି ଓଡିଶା କ୍ରୀଡା ଜଗତ ପାଇଁ ଏକ ଗୌରବମୟ ବିଷୟ।

# ସେପ୍ଟେମ୍ବର-ଅକ୍ଟୋବରରେ ପୁଣି ଆଇପିଏଲ !

ନୂଆଦିଲ୍ଲୀ, ୨୭।୫: ଆଇପିଏଲର ୧୯ତମ ସଂସ୍କରଣ ସଫଳଭାବେ ଶେଷ ହେବାକୁ ବସିଲାଣି । ଆରସିବି ପ୍ରଥମ ଦଳଭାବେ ଫାଇନାଲରେ ପ୍ରବେଶ କରିସାରିଛି । ବାକି ଦୁଟି ମ୍ୟାଚ ପରେ ଚଳିତ ବର୍ଷର ଫାଇନାଲ ଟକ୍କର ଅନୁଷ୍ଠିତ ହେବ । ତେବେ ପୁଣିଥରେ ଏହିବର୍ଷ ଆୟୋଜନ ହେବ କି ଆଇପିଏଲ ଏମିତି ଏକ ଚର୍ଚ୍ଚା ଏବେ ଦେଖିବାକୁ ମିଳିଛି । ଆଇପିଏଲ ଅଧ୍ୟକ୍ଷ ନିକଟରେ ଦେଇଥିବା ଏକ ପ୍ରତିକ୍ରିୟାରୁ ଏଭଳି ଚର୍ଚ୍ଚା ଆରମ୍ଭ ହୋଇଛି ।

ଆଇପିଏଲ ଅଧ୍ୟକ୍ଷ କହିଛନ୍ତି କି, ମେ ମାସରେ ପ୍ରବଳ ଗ୍ରୀଷ୍ମ ପ୍ରବାହ କାରଣରୁ ଆଇପିଏଲ ସେପ୍‌ଟେମ୍ବର-ଅକ୍ଟୋବରକୁ ସ୍ଥାନାନ୍ତର କରାଯିବା ନେଇ ବିଚାର କରାଯାଉଛି । ମେ' ମାସରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଥିବାବେଳେ ଷ୍ଟାଡିୟମରେ ଦର୍ଶକଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଷ୍ଟାଡିୟମକୁ ଏତେ ପରିମାଣରୁ ଦର୍ଶକ ଆସୁନାହାନ୍ତି । ଏଣୁ ଶୀତ ଦିନରେ ଏହାକୁ ଆୟୋଜନ ନେଇ ବିଚାର ଚାଲିଛି । ଦୀପାବଳି ସମୟରେ ଏହି ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ଲିଗ୍ ଆୟୋଜନ ହେବା ଦ୍ୱାରା ଆଉ ଏକ ଲାଭ ମିଳିବ । ଏହି ସୟରେ ଅଧିକ ବିଜ୍ଞାପନ ମିଳିପାରିବ । ଦୀପାବଳି ରହିଥିବାବେଳେ ବହୁ କମ୍ପାନୀ ବିଜ୍ଞାପନ ଦେବେ ।

କୋଭିଡ୍ ସମୟୁ ଛାଡ଼ିଦେଲେ ଆଇପିଏଲର ବାକି ସିଜିନ ମାର୍ଚ୍ଚରୁ ମେ' ମଧ୍ୟରେ ଅନୁଷ୍ଠିତ ହୋଇଛି । ଯେଉଁଥିରେ କେବେ ଧ ପରିବର୍ତ୍ତନ ହୋଇନାହିଁ । ତେବେ ବିସିସିଆଇ ବିଚାର କରୁଛି



କି, ଆଇପିଏଲକୁ ଦୁଇଭାଗରେ ଆୟୋଜନ କରିବା ପାଇଁ । ଫେବୃଆରୀରୁ ଏପ୍ରିଲ ମଧ୍ୟରେ ପ୍ରଥମ ଭାଗ ଏବଂ ଅକ୍ଟୋବରରୁ ସେପ୍‌ଟେମ୍ବର ମଧ୍ୟରେ ଦ୍ୱିତୀୟ ଭାଗ ଆୟୋଜନ କରାଯିବ । ମାତ୍ର ଏଥିପାଇଁ ଅନ୍ୟ ବୋର୍ଡ ଉପରେ ନିର୍ଭର କରିବାକୁ ପଡ଼ିବ ।

## ଡିଲେଟ୍ ହେଲା କି ପାଣ୍ଡ୍ୟାଙ୍କ ଇନଷ୍ଟାଗ୍ରାମ ପେଜ୍

ନୂଆଦିଲ୍ଲୀ: ଟିମ୍ ଇଣ୍ଡିଆର ଷ୍ଟାର କ୍ରିକେଟର ତଥା ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ହୋଇଯାଇଛି କିଡିଲେଟ୍ ? ସର୍ଚ୍ଚ କଲେ ଏହି ଖେଳାଳିଙ୍କ ପେଜ୍ ଖୋଲୁନି । ସର୍ଚ୍ଚ କଲେ ହାର୍ଦ୍ଦିକଙ୍କ ପେଜରେ ଲେଖାଯାଉଛି କି, ଦୁଃଖିତ ଏହି ପେଜ୍ ଉପଲବ୍ଧ ନାହିଁ । ଅନେକଥର ସର୍ଚ୍ଚ କରିବା ପରେ ମଧ ଏଭଳି ଦେଖାଉଛି । ଯାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ପେଜ୍ ନଖୋଲିବା ପରେ ପ୍ରଶ୍ନ ଉଠିଛି କି, ହାର୍ଦ୍ଦିକଙ୍କ ପେଜ୍ ଡିଲେଟ, ହ୍ୟାକ୍ କିମ୍ବା ସସପେଣ୍ଡ ହୋଇଯାଇଛି କି ? ତେବେ ଏନେଇ ଏଯାବତ କେ ?ଣସି ଠୋସ୍ ପ୍ରମାଣ ମିଳିନାହିଁ । କିନ୍ତୁ ୟୁଜର୍ସମାନେ ପାଣ୍ଡ୍ୟାଙ୍କ ପେଜ୍ ସର୍ଚ୍ଚ କରିବା ପରେ ଏହାକୁ ସ୍କ୍ରିନସଟ ମାରି ସୋସିଆଲ ମିଡିଆର ପୋଷ୍ଟ କରୁଛନ୍ତି । ଯାହାକୁ ଭିନ୍ନ ଭିନ୍ନ ୟୁଜର୍ସମାନେ ଅଲଗା ଅଲଗା କମେଣ୍ଟମାନ ଦେଉଥିବା ଦେଖିବାକୁ ମିଳିଛି । ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଇନଷ୍ଟାଗ୍ରାମ ପେଜରେ ୪୦ ମିଲିୟନରୁ ଅଧିକ ଫଲୋର୍ସ ରହିଛନ୍ତି । କିନ୍ତୁ ଏବେ ପେଜ୍ ଖୋଲୁନାହିଁ । ତେବେ ଏଭଳି ଅନେକ ବଡ଼ ବଡ଼ ୟୁଜର୍ସଙ୍କ ଆକାଉଣ୍ଟ ଏଭଳି କିଛି ସମୟ ପାଇଁ ଦେଖାଏ ଏବଂ ପରେ ପୁଣି ରିକୋଭରି ହୋଇଯାଏ ।

## ମୁମ୍ବାଇ ଛାଡ଼ିବେକି ପାଣ୍ଡ୍ୟା ?

ନୂଆଦିଲ୍ଲୀ: ଆଇପିଏଲ ୨୦୨୬ରେ ମୁମ୍ବାଇ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବାବେଳେ ପ୍ଲେଅଫରୁ ବାଦ୍ ପଡ଼ିଛି। ତେବେ ହାର୍ଦ୍ଦିକଙ୍କ ଅଧିନାୟକତ୍ୱରେ ଦଳର ଖରାପ ପ୍ରଦର୍ଶନ ହୋଇଥିବାବେଳେ ପାଣ୍ଡ୍ୟାଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି । ଏମିତି କି ପାଣ୍ଡ୍ୟାଙ୍କ ଅଧିନାୟକତ୍ୱ ପାଇଁ ଟିମ ଦୁଇଭାଗ ହୋଇଥିବା ନେଇ କୁହାଯାଇଥିଲା । ଏହାରିଭିତରେ ଏକ ଖବର ସୋସିଆଲ ମିଡିଆରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି । ହାର୍ଦ୍ଦିକ ମୁମ୍ବାଇ ଛାଡ଼ିଥାନ୍ତି । ସେ ସିଏସକେରେ ଯୋଗ ଦେବାକୁ ଯାଉଛନ୍ତି । ଏଭଳି ଏକ ଚର୍ଚ୍ଚା ଭିତରେ ଅଶ୍ୱିନୀଙ୍କ ମଧ ପ୍ରତିକ୍ରିୟା ଆହୁରି ଖୋରାକ ଯୋଗାଇଛି ।

# ଜୁନିଅର ୫୦ ବଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଖୋର୍ଦ୍ଧା, ୨୭।୫: ଓଡ଼ିଶାରେ ପ୍ରଥମ ଥର ଅନୁଷ୍ଠିତ ହୋଇଛି ଜୁନିଅର ୫୦ ବଲ କ୍ରିକେଟ ଟୁର୍ନାମେଣ୍ଟ। ଏହି ପ୍ରତିଯୋଗିତାରେ ଭାରତର ୨୨ ରାଜ୍ୟର ୫୦୦ ରୁ ଅଧିକ କ୍ରୀଡ଼ାବିତ ଓ କୋଚ ସାମିଲ ହୋଇଛନ୍ତି। ଆସନ୍ତା ୨୭ ରୁ ୩୧ ପର୍ଯ୍ୟନ୍ତ ଚାରୋଟି ସ୍ଥାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଅଣ୍ଡର ୧୯ ଓ ଅଣ୍ଡର ୧୪ କ୍ରିକେଟ ଖେଳାଳି ଅଂଶଗ୍ରହଣ କରିଛନ୍ତି । ଖୋର୍ଦ୍ଧା ବିବେବି ହାଇସ୍କୁଲ ପଡିଆ, କେଟି ଗ୍ଲୋବାଲ ସ୍କୁଲ, ସିଭିରମନ ଗ୍ଲୋବାଲ ୟୁନିଭର୍ସିଟି ଓ ଖୋର୍ଦ୍ଧା ରୋଡ଼ ରେଲୱେ ଷ୍ଟାଡିୟମ ରେ ଏହି ପ୍ରତିଯୋଗିତା କରାଯିବ ବୋଲି ୫୦ ବଲ କ୍ରିକେଟର ଓଡିଶା ମୁଖ୍ୟ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି। ଆସନ୍ତା କାଲି ଏହାର ଉଦ୍ଘାଟନୀ ଉତ୍ସବ ଥିବାର ସେ କହିଛନ୍ତି।




Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZb Kêcûe ]k